Daily Odia Newspaper
SEITHO ARAMBHA
RNI No : ORIORI/2006/21585
Vol.: 20, Issue : 19
Monday, 23 March 2026
Balasore, Page : 8, ₹ 2/
ବାଲେଶ୍ୱର, ସୋମବାର, ୨୩ ମାର୍ଚ୍ଚ, ୨୦୨୬
ପୃଷ୍ଠା:୮, ମୂଲ୍ୟ:୨ଟଙ୍କା
Seitho Arambha
Seithoarambha
www.seithoarambha.com

ସେଇଠୁ ଆରମ୍ଭ
SEITHO ARAMBHA

ଯାହାଠାରେ ସତ୍ୟ, ପବିତ୍ରତା, ନିଃସ୍ୱାର୍ଥପରତା ବିଦ୍ୟମାନ, ବାଧା ବିପତ୍ତି ତା'ର କ'ଣ କରିବ ?
ଜଗତ୍‌ବାସୀ ତାହା ବିରୋଧରେ ଦଣ୍ଡାୟମାନ ହେଲେ ସୁଦ୍ଧା ତାହାର କୌଣସି ଅନିଷ୍ଟ ହୁଏ ନାହିଁ ।
- ସ୍ୱାମୀ ବିବେକାନନ୍ଦ

୧୨୪ ପ୍ରକଳ୍ପର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୨/୩ (ଆ.ପ୍ର) : ରାଜ୍ୟ ସ୍ତରୀୟ ବିଶ୍ୱ ଜଳ ଦିବସ ସମାରୋହ ୨୦୨୬ ଆଜି ସ୍ଥାନୀୟ ଲୋକସେବା ଭବନ କନଭେନସନ ସେଂଟରଠାରେ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ଜଳ ସମ୍ପଦ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି । ସୂଚନା ଯୋଗ୍ୟ ଯେ, ରବିବାର ମୁଖ୍ୟମନ୍ତ୍ରୀ ସମୁଦାୟ ୨୬୧୨ କୋଟି ଟଙ୍କାର ବହୁମୂଲ୍ୟ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଏଥିମଧ୍ୟରୁ ପ୍ରାୟ ୨୨୯୨ କୋଟି ଟଙ୍କାର ୧୭ ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଥିବା ବେଳେ ପ୍ରାୟ ୩୨୦ କୋଟି ଟଙ୍କାର ବ୍ୟୟ ବରାଦରେ ସମୁଦାୟ ୧୨୪ ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ ହୋଇଛି । ଜଳର ଗୋଟିଏ ବୁନ୍ଦା ମଧ୍ୟ ବିଶ୍ୱର ଅନେକ ଲୋକଙ୍କ ପାଇଁ ଦୁର୍ଲ୍ଲଭ । ତେଣୁ ଜଳର ଗୋଟିଏ ବୁନ୍ଦା ଯେପରି ନଷ୍ଟ ନ ହୁଏ, ସେଥିପାଇଁ ସମସ୍ତଙ୍କୁ ଶପଥ ନେବାକୁ କହି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିଶ୍ୱ ଜଳ ଦିବସରେ ଜଳ ଅପଚୟ ନ କରିବାର ବାର୍ତ୍ତା ପ୍ରତିଟି ଘରେ ପହଞ୍ଚିବା ଦରକାର । ପିଲାମାନଙ୍କୁ ସ୍କୁଲରୁ ହିଁ ପାଣି ବଣ୍ଟଚରାର ଶିକ୍ଷା ଦେବାକୁ ପଡ଼ିବ କାରଣ ସେମାନେ ହିଁ ଆଗାମୀ ଦିନର ଜଳ ସୈନିକ । ଆମେ ପାଣି ନଷ୍ଟ କରିବା ନାହିଁ ଏବଂ ବର୍ଷାପାଣିକୁ ସଂଚୟ କରି ମାଟିକୁ ସଜଳ ରଖିବା ବାର୍ତ୍ତା ସହ ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣ ଆରମ୍ଭ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଜଳ ଜୀବନ ମିଶନ୍‌କୁ ଏକ ସେପ୍ଟେମ୍ବର ଯୋଜନା ବୋଲି କହି ମୁଖ୍ୟମନ୍ତ୍ରୀ ପ୍ରତି ଘରକୁ ପାଇପ୍

ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଜଳଭାଣ୍ଡକୁ ପୂରା କରିବା ବୋଲି ସଂକଳ୍ପ ନେବା ବୋଲି କହିଥିଲେ ।ଜଳ ଶକ୍ତି ଅଭିଯାନ ମାଧ୍ୟମରେ ଜଳ ସଂରକ୍ଷଣକୁ ଏକ ଜାତୀୟ ପ୍ରାଥମିକତା ଭାବେ ଗ୍ରହଣ କରିବା ଏବଂ ଭବିଷ୍ୟତ ସ୍ପଷ୍ଟର ଜଳସମ୍ବଳ ମାଧ୍ୟମରେ ମହିଳାମାନଙ୍କୁ ଜଳ ଗୁଣବତା ପରୀକ୍ଷା ଏବଂ ପରିଚାଳନା ପାଇଁ ପ୍ରଶିକ୍ଷଣ ଦିଆଯାଇଛି । ଏହା ଫଳରେ ଜଳ ସେବା କ୍ଷେତ୍ରରେ ଆମେ କୌଣସି ବି ବର୍ଗଙ୍କୁ ପଛରେ ପଳାଇବୁ ନାହିଁ ଏବଂ ସମସ୍ତଙ୍କ ପାଇଁ ସୁଲଭ ଜଳ ଲଭଲଭ୍ୟ ହେବ । ଜଳ ପରିଚାଳନାରେ ଲିଙ୍ଗଗତ ବୈଷମ୍ୟ ଦୂର କରିବା ସହିତ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଆମର ଲକ୍ଷ୍ୟ ରହିଛି । ସମୃଦ୍ଧ ଓ ବିକଶିତ ଓଡ଼ିଶା ଗଠନ ପାଇଁ ଜଳ ସୁରକ୍ଷା ହେଉଛି ପ୍ରମୁଖ ସର୍ତ୍ତ । ଏଥିପାଇଁ ମହିଳା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡ଼ିକୁ ଜଳସାଥୀ ଭାବେ ନିୟୋଜିତ କରାଯାଇଛି । ସେଥିପାଇଁ ଚଳିତ ବର୍ଷର ବିଶ୍ୱ ଜଳ ଦିବସର ବିଷୟବସ୍ତୁ 'ଜଳ ଏବଂ ଲିଙ୍ଗଗତ ସମାନତା' (Water and Gender) କୁ ଆଧାର କରି ସମସ୍ତ ରାଜ୍ୟବାସୀଙ୍କୁ ଜଳ ସୁରକ୍ଷା ପାଇଁ ଆଗେଇ ଆସିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ । ରାଜ୍ୟରେ ବିଭିନ୍ନ ଜଳଭିତ୍ତିକ ଯୋଜନା ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜଳର ଅଭାବ ଗରିବ ଲୋକଙ୍କୁ ସବୁଠାରୁ ଅଧିକ ପ୍ରଭାବିତ କରେ । ତେଣୁ ସମାଜରେ ଶେଷ ପାହାଚରେ ଥିବା ବ୍ୟକ୍ତିକ ପାଖରେ ବିଶୁଦ୍ଧ ଜଳ ପହଞ୍ଚାଇବା ଆମ ଅନ୍ତ୍ୟୋଦୟ ନୀତିର ଅଂଶ ବିଶେଷ । ଆମ ସରକାର ମିଶନ୍ ପାଣ୍ଡାର୍ ଅଧୀନରେ ପ୍ରତିଟି ଅପହଂଚ ଗାଁ, ଏବଂ ପଛୁଆ ଅଂଚଳକୁ ବିଶୁଦ୍ଧ ଜଳ ଯୋଗାଇବା ପାଇଁ କାର୍ଯ୍ୟ କରୁଛି । କୃଷି କ୍ଷେତ୍ରରେ ପ୍ରତି ବୁନ୍ଦା ଜଳରେ ଅଧିକ ଫସଲ ନୀତିକୁ ଆମେ ପ୍ରୋତ୍ସାହିତ କରୁଛୁ । 'ଏକ୍ ପେଡ଼ୁ ମା କେ ନାମ୍' ଅଭିଯାନ ମାଧ୍ୟମରେ ବୃକ୍ଷ ରୋପଣ କରିବାରେ ଦେଶରେ ଓଡ଼ିଶା ଅଗ୍ରଣୀ ରାଜ୍ୟ ଭାବେ ନିଜର ସ୍ଥାନ ଅଧିକାର କରିଛି । ଆଗାମୀ ଦିନରେ ଜଳକୁ ନେଇ ଯେପରି କୌଣସି ବିବାଦ ନ ହୁଏ, ସେଥିପାଇଁ ମଧ୍ୟ ଆମ ରାଜ୍ୟ ସବୁଳିତ ଜଳ ନୀତି ପ୍ରସ୍ତୁତ କରିଛି । ଆଗାମୀ ଦିନମାନଙ୍କରେ ଓଡ଼ିଶାର ଜଳ ସେଚନ ସୁବିଧା ପାଇଁ ଶସ୍ୟର ସାନ୍ଦ୍ରତା ବା Crop Intensity କୁ ୨୦୩୬ ସୁଦ୍ଧା ୨୨୦ ପ୍ରତିଶତ ଏବଂ ୨୦୪୭ ସୁଦ୍ଧା ୨୫୦ ପ୍ରତିଶତକୁ ବୃଦ୍ଧି କରିବା ହେଉଛି, ସରକାରଙ୍କ ପ୍ରମୁଖ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହାଛଡ଼ା ଭୂତଳ ଜଳ ପୁନର୍ଭରଣ ପାଇଁ ଛାତ ଯୋଜନା ଏବଂ ଅମୃତା ଯୋଜନା ଅଧୀନରେ ଅନେକ ରିଚାର୍ଜ ଶାଫ୍ଟ ପ୍ରସ୍ତୁତ ସମ୍ପୂର୍ଣ୍ଣ କରାଯାଇଛି । କେନାଲ ଲାଇନିଂ ସିଷ୍ଟମ, ରିଜାବିଲିଟେସନ୍ ପ୍ରୋଗ୍ରାମ୍, ଲୋୟର ସୁକ୍ରତେଲ ଜଳ ସେଚନ ପ୍ରକଳ୍ପ ଏବଂ କୁସୁମୀ ସ୍ମାର୍ଟ ଜଳସେଚନ ପ୍ରକଳ୍ପର ସଫଳତା ଆମର ୨୧ ମାସର କାର୍ଯ୍ୟକାରିତାରେ ଏକ ଉତ୍ସାହଜନକ ନିଦର୍ଶନ ଏବଂ ବିଭିନ୍ନ ଜଳସେଚନ ଯୋଜନା ମାଧ୍ୟମରେ ପ୍ରାୟ ୨ ଲକ୍ଷ ୨୦ ହଜାର ହେକ୍ଟର ଜମିରେ ଅତିରିକ୍ତ ଜଳସେଚନ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଥିଲେ । ସେ ଆହୁରି କହିଥିଲେ ଯେ, ଜଳର ଉପଯୁକ୍ତ ବ୍ୟବହାର ଏବଂ ଶୁଦ୍ଧ ପାନୀୟ ଜଳର ଉପଲବ୍ଧତାକୁ ବୃଦ୍ଧି କରିବା ବର୍ତ୍ତମାନର ଆବଶ୍ୟକତା । ଏଣୁ ଓଡ଼ିଶା ଜିଜନ ଚକ୍ରମେଣ୍ଟ ୨୦୩୬ ଏବଂ ୨୦୪୭ ମାଧ୍ୟମରେ ବିଭିନ୍ନ କ୍ଷେତ୍ରରୁ ବଢ଼ୁଥିବା ଚାହିଦାକୁ ପୂରଣ କରିବା ପାଇଁ ଜଳ ସୁରକ୍ଷା ଅତ୍ୟନ୍ତ ଆବଶ୍ୟକ । ଏଣୁ ଆମେ ସମସ୍ତେ ସଂକଳ୍ପ ନେବା ଯେ, ଜଳ ପରିଚାଳନାରେ ସୁରକ୍ଷ ଓ ମହିଳାଙ୍କ ସମାନ ଭାଗୀଦାରି ଦ୍ୱାରା ହିଁ ଆମେ ସମାଜରେ ପ୍ରକୃତ ପରିବର୍ତ୍ତନ ଆଣିବା । ଜଳକୁ ଜୀବନ ଭରି ଭଲ ପାଇବା ଓ ଏହାର ସୁରକ୍ଷା ପାଇଁ କାର୍ଯ୍ୟ କରିବା ।

ସମାଧାନ ବଦଳରେ ସର୍ବନାଶ ମୁହାଁ ଇରାନ, ଇସ୍ରାଏଲ ଓ ଆମେରିକା

ନୂଆଦିଲ୍ଲୀ, ୨୨/୩(ନ୍ୟୁ.ଏ): ଯୁଦ୍ଧ ନାଁରେ ଚାଲିଛି ସର୍ବନାଶ । ଆଲୋଚନା ବଦଳରେ ଚାଲିଛି ଅହଙ୍କାରର ଲଢ଼େଇ । ବିଆସାଇଛି ଧମକ ଓ ଚେତାବନୀ । ଅସ୍ତ୍ର ମାଧ୍ୟମରେ କ୍ଷମତା ପ୍ରଦର୍ଶନ କରୁଛନ୍ତି ଇରାନ, ଇସ୍ରାଏଲ ଓ ଆମେରିକା । ଆତ୍ମରକ୍ଷାର ବାହାନା କରି ଯୁଦ୍ଧ ଆରମ୍ଭ କରିଥିବା ଇସ୍ରାଏଲ ହାତରୁ ଖସିଗଲାଣି ସ୍ଥିତି । ଧମକ ପରେ

ବି ନରମୁନି ଇରାନ୍ । ଏପରେ ଷ୍ଟେଟ୍ ଅଫ ହର୍ମୁଜକୁ ମୁକ୍ତ କରିବା ପାଇଁ ଇରାନକୁ ୪୮ ଘଂଟାର ସମୟ ଦେଇଛନ୍ତି ଡୋନାଲ୍ଡ ଟ୍ରମ୍ପ । ଇରାନର ମିସାଇଲ୍ କ୍ଷମତାକୁ କମ୍ ଭାବି ଏବେ ବଡ଼ ଚିନ୍ତାରେ ଇସ୍ରାଏଲ । ଇରାନର ମିସାଇଲ ୨ ହଜାର କିଲୋମିଟର ପର୍ଯ୍ୟନ୍ତ ଟାର୍ଗେଟ୍ କରିପାରେ ଭାବି ନିଜର ସୁରକ୍ଷା ପାଇଁ ସବୁ ବ୍ୟବସ୍ଥା କରିଥିଲା ଇସ୍ରାଏଲ । ହେଲେ ଭାରତ ମହାସାଗରରେ ୪ ହଜାର କିମି ପର୍ଯ୍ୟନ୍ତ ହାଇପର ସୋନିକ୍ ମିସାଇଲ ଟାର୍ଗେଟ୍ କରି ଶତ୍ରୁପକ୍ଷକୁ ଚମକାଇ ଦେଇଛନ୍ତି ଇରାନ ସେନା । ଇରାନର ସୁପର ମିସାଇଲ କ୍ଷମତା ଇସ୍ରାଏଲର ନିଦ ହଜାଇ ଦେଇଛି । ଏହି ସୁରତାରେ ବିଶ୍ୱର ବଡ଼ବଡ଼ ସହର ଅତି ସହଜରେ ଟାର୍ଗେଟ୍ ହେଉଥିବାରୁ ସମସ୍ତଙ୍କୁ ସଚେତନ କରିଛି ଇସ୍ରାଏଲ । ବର୍ଜିନ, ଟ୍ୟାରିସ ଓ ରୋମକୁ ମଧ୍ୟ ଟାର୍ଗେଟ୍ କରିପାରେ ଇରାନ୍ । ଏହି ସବୁ ଦେଖି ପରମାଣୁ ଶକ୍ତି ସମ୍ପନ୍ନ ହୋଇଥିବାରୁ ଏକାଳି ଚେତାବନୀକୁ ସେମାନେ ମଧ୍ୟ ହାଲୁକା ଭାବେ ନେଇ ପାରୁନାହାନ୍ତି । ଏପରେ ମଧ୍ୟପ୍ରାଚ୍ୟ ଯୁଦ୍ଧର ଗଜପରୀ ଅତି ଗମ୍ଭୀର ହେଉଛି । ଷ୍ଟେଟ୍ ଅଫ୍ ହର୍ମୁଜକୁ ନିୟନ୍ତ୍ରଣ କରି ଆମେରିକାକୁ ନାଲିଆଖି ଦେଖାଉଛି ଇରାନ । ଯାହାର ପ୍ରଭାବ ବିଶ୍ୱର ସବୁ ଦେଶ ଉପରେ ପଡୁଛି । ଆମେରିକା ମଧ୍ୟ ଇରାନକୁ ସାବଧାନ କରିବାକୁ ଅଭିଯୋଗେମ୍ ଦେଇଛି । ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଧମକପୂର୍ଣ୍ଣ ବାର୍ତ୍ତା ସହ ୪୮ ଘଂଟାର ଡେଡଲାଇନ୍ ଦେଇଛନ୍ତି । ଏହି ସମୟ ଭିତରେ ଷ୍ଟେଟ୍ ଅଫ୍ ହର୍ମୁଜକୁ ନିଜ ନିୟନ୍ତ୍ରଣ ବାହାରେ ରଖିବାକୁ ଚେତାବନୀ ଦେଇଛନ୍ତି, ନହେଲେ ଇରାନର ଶକ୍ତି କ୍ଷେତ୍ର ସମ୍ପୂର୍ଣ୍ଣ ଧ୍ୱଂସ ହେବ ବୋଲି ଚେତାବନୀ ଦେଇଛନ୍ତି ଟ୍ରମ୍ପ । ଇରାନ, ଇସ୍ରାଏଲ ଓ ଆମେରିକା ମଧ୍ୟରେ ଯୁଦ୍ଧ ୨୩ ଦିନରେ ପହଞ୍ଚିଲାଣି ।

ରାଜଧାନୀରେ ସିଲିଣ୍ଡର ପିଛା ୩ରୁ ୪ ହଜାର ଟଙ୍କା

ଭୁବନେଶ୍ୱର, ୨୨/୩ (ଆ.ପ୍ର) : ମଧ୍ୟପ୍ରାଚ୍ୟରେ ଯୁଦ୍ଧ ଏବଂ ଗ୍ୟାସ୍ ସଙ୍କଟ ଭିତରେ ଚାଲିଛି କଳାବଜାରୀ ସହ ବରଦ୍ବିରେ ଖେଳ । ୩ ସପ୍ତାହ ବିତିଗଲା, ଛୋଟମୋଟ ଜଳଖିଆ ଦୋକାନ ହେଉ କିମ୍ବା ହୋଟେଲ, ସ୍ଟେପିଛା ୫ରୁ ୧୫ ଟଙ୍କା ଯାଏଁ ଦର ବଢ଼ାଇ ଦେଇଛନ୍ତି । ପଚାରିଲେ କହୁଛନ୍ତି, ଗ୍ୟାସ୍ ମିଳୁନି । ଯାହା ମିଳୁଛି ବ୍ଲାକରେ । ଯଦି ଗ୍ୟାସ୍ ମିଳୁନି, ତେବେ ବ୍ଲାକ୍ ପାଇଁ ଆସୁଛି କେଉଁଠୁ ? ସଙ୍କଟବେଳେ କିଏ କରୁଛି ରାନ୍ଧନ ଗ୍ୟାସର କଳା ବଜାରୀ ? ନାନା ଚର୍ଚ୍ଚା ଭିତରେ କେବଳ ସାଧାରଣ ଜନତା ଓ ବ୍ୟବସାୟୀ ଯେଣି ହେଉଛନ୍ତି ଦରବ୍ବିରେ । ତେଣେ ମଧ୍ୟପ୍ରାଚ୍ୟରେ ଘମାଘୋଟ ଯୁଦ୍ଧ, ଏଣେ ରାନ୍ଧନ ଗ୍ୟାସକୁ ନେଇ ଯୁଦ୍ଧ । କଳାବଜାର ସମ୍ପତ୍ତେ । ଗ୍ୟାସ୍ ଟ୍ରାଙ୍କେଟି ଭିତରେ ହାହାକାର ସ୍ଥିତି । ବିପଦବେଳେ ଚାଲିଛି ବ୍ଲାକ୍ ବେପାର, ସିଲିଣ୍ଡର ପିଛା ସାଢ଼େ ୩ ହଜାରରୁ ୪ ହଜାର । (ଗ୍ରାହକ ଓ ବ୍ୟବସାୟୀଙ୍କ ବାଇଟ୍) ଅର୍ଥାତ ଯିଏ ଯେତେ ଦାମ୍ କହିପାରିଲା ସିଲିଣ୍ଡରରୁ । ଭୁବନେଶ୍ୱରରେ କମର୍ସିଆଲ୍ ଗ୍ୟାସ୍, ସିଲିଣ୍ଡର ପିଛା ୨୧ ଶହ ୨୦ ଏବଂ ଡୋମେଷ୍ଟିକ୍ ଗ୍ୟାସ୍ ସିଲିଣ୍ଡର ପିଛା ୯ ଶହ ୩୯ ଟଙ୍କା ରହିଛି । କିନ୍ତୁ କମର୍ସିଆଲ୍ ଗ୍ୟାସ୍ ସଙ୍କଟ ଭିତରେ କିଏ ୪ ହଜାରରେ ବ୍ଲାକରେ କିଣୁଛନ୍ତି ତ ଆଉ କିଏ ୩ ହଜାର ଦେଇ ଘରୋଇ ଗ୍ୟାସ୍ ଆଣୁଥିବା କହିଛନ୍ତି । ଯିଏ ନପାରିଲେ, ପେଟ ପାଇଁ କାମପୁଣ୍ଡା ଆଉଷ୍ଟି କାଠ ବୁଲାରେ କାମ ଚଳାଉଛନ୍ତି । ଭୁବନେଶ୍ୱର ଯୁନିଟ୍-୩ ଅଂଚଳର ଏଇ ହୋଟେଲରେ ମିଲ୍ ପ୍ରସ୍ତୁତ ହେଉଛି କାଠରେ । କଳ୍ପନା ଅଂଚଳର ଏହି ହୋଟେଲ ବି କାଠ ରୁଟି ଭରସାରେ ଚାଲିଛି । ହେଲେ ଗ୍ରାହକଙ୍କ ଅଭିଯୋଗ, ପ୍ରାୟ ହୋଟେଲ ରୁଟିଭରେ ମିଲ୍ ଫ୍ରେଟ ପିଛା ପ୍ରାୟ ୨୦ ଟଙ୍କା ବଢ଼ାଇ ସାରିଲେଣି । ଜଳଖିଆ ବି ଆଉ ବାହାରେ ଖାଇ ହେବନି । ରାନ୍ଧନ ଗ୍ୟାସର ଏଭଳି ଅଭାବନୀୟ ସ୍ଥିତି ଭିତରେ ବରା ହେଉ କି ପିଆଜି, ସିଙ୍ଗଡ଼ା ହେଉ କି ଆଳୁ ଚପ୍ । ସାଇଜ୍ ପୂର୍ବଭଳି ଥିଲେ ବି ଦାମ୍ କିନ୍ତୁ ଢବଲ୍ । କମର୍ସିଆଲ ଗ୍ୟାସ୍ ମିଳୁନଥିବାରୁ ତ କିଛି ହୋଟେଲ ଓ ଜଳଖିଆ ଦୋକାନ ବନ୍ଦ ହେଉଚାଲାଣି । ଯିଏ ଚଳାଉଛନ୍ତି କୋଳଲା ଭାଟି ଭରସାରେ । ଭୁବନେଶ୍ୱର ରାମ ମନ୍ଦିର ପାଖ ଏହି ଜଳଖିଆ ଦୋକାନ ତ ଖଡ଼ଓଡ଼ ସାଜିଛି ଦିଲେଲ ବୁଲା । ତେଣୁ ଆଜ ଆଜ ଖାଦ୍ୟ ସାମଗ୍ରୀ ଡିଆରି କରୁଥିବା କହିଛନ୍ତି ବ୍ୟବସାୟୀ । କେବଳ ଜଳଖିଆ ନୁହେଁ, କଟକରେ ତା'ଦୋକାନୀ କହିଲେଣି କାଲିପୁ କପ୍ ପିଛା ୧୨ ଟଙ୍କା ହୋଇଯିବ । କଟକ-ଭୁବନେଶ୍ୱର କଥା ଛାଡ଼ନ୍ତୁ, ରାଜ୍ୟବ୍ୟାପି ଏବେ ଏଭଳି ଅବସ୍ଥା । ଓଡ଼ିଶାର ଅନ୍ୟତମ ଜଳଖିଆ ହବ୍ ବହିଲେ ବୁଦ୍ଧିପୁରକୁ ବୁଝାଏ । ଠେଲାରୁ ଛୋଟବଡ଼ ହୋଟେଲ ଯାଏଁ ଗ୍ରାହକଙ୍କ ଭିଡ଼ ଜମେ । କିନ୍ତୁ, ଯେଉଁ ଜିନିଷ କିମ୍ବା ପୁରୀ ୫ ଟଙ୍କା ଥିଲା ଏବେ ୬ରୁ ୭ଟଙ୍କା, ମସଲା ଛପମା ୬ରୁ ୧୦ ଟଙ୍କାରେ ପହଞ୍ଚିଛି । ଆଉ କମର୍ସିଆଲ୍ ସିଲିଣ୍ଡର ଅଭାବରୁ ଯେଉଁ ବ୍ୟବସାୟୀ ଗାଡ଼ୀ ସହୁଛନ୍ତି, ଦୋକାନ ବଜାର ବନ୍ଦ କରି ଜୀବିକା ପାଇ ବିକଳ୍ପ ଖୋଜୁଛନ୍ତି । ଭାଞ୍ଜନଗର ଓ ଆଖପାଖ ଅଂଚଳରେ ତ ଜୀବିକା ହରାଇବାକୁ ବସିଲେଣି କାରିଗର । ଆଗକୁ ଗ୍ୟାସ୍ ନମିଳିଲେ ସବୁ ବନ୍ଦ ହୋଇଯିବା ଆଶଙ୍କା କରିଛନ୍ତି ବ୍ୟବସାୟୀ ।

ଓଡ଼ିଶାର ୩୪ଟି ଖଣି ନିଲାମ ହେବ

ଭୁବନେଶ୍ୱର, ୨୨/୩ (ଆ.ପ୍ର) : ଆଗାମୀ ଦିନରେ ରାଜ୍ୟରେ ୩୪ଟି ଖଣି ନିଲାମ କରାଯିବ । ଲୁହାପଥର, ବକ୍ସାଇଟ୍, ଲୁହାପଥର ଓ ମାଙ୍ଗାନିଜ, ଚୂନପଥର, ମାଙ୍ଗାନିଜ, ଚନା, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଥାର୍ଥ ଖଣି ଓ ସୁନା ଖଣି ଆଦିକୁ ନିଲାମ କରାଯିବ । ଏହି ଖଣିଗୁଡ଼ିକ ମାଲାକାନଗିରି, ସୁବର୍ଣ୍ଣପୁର, କଳାହାଣ୍ଡି, ଦେବଗଡ଼, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ବଲାଙ୍ଗୀର, ଗାଜପତି, କୋରାପୁଟ୍, ନୂଆପଡ଼ା ଓ ନୟାଗଡ଼ ଜିଲ୍ଲାରେ ରହିଛି । ରାଜ୍ୟ ସରକାର ରାଜ୍ୟରେ ଥିବା ୨୫ଟି ଓ କେନ୍ଦ୍ର ସରକାର ୯ଟି ଖଣି ନିଲାମ କରିବେ । ଖଣି ଓ ଖଣିଜ (ବିକାଶ ଓ ନିୟାମକ) ନିୟମ ୨୦୧୫ ଅନୁସାରେ ୫୦ ବର୍ଷିଆ ଲିଜ ଅବଧି ସହ ଏହି ଖଣିଗୁଡ଼ିକୁ ନିଲାମ କରାଯିବ । ଏକ ଜାତୀୟ ଗଣନାମାଧ୍ୟମରେ ପ୍ରକାଶିତ ରିପୋର୍ଟ ଅନୁସାରେ ଅସରଣ ଆର୍ଥିକ ବର୍ଷରେ ନିଲାମ ହେବାକୁ ଥିବା ଖଣିଗୁଡ଼ିକ ମଧ୍ୟରୁ ୨୫ଟି ପ୍ରମୁଖ ଖଣିଜ ପଥାର୍ଥ ଥିବା ଖଣି ଓ ୯ଟି ହେଉଛି ଜିନିଟିକାଲ୍ ମିନେରାଲ ଖଣି । ୨୦୨୬-୨୭ରେ ବେଶରବାଆ ୨୨ଟି ଖଣି ନିଲାମ କରାଯାଇଥିଲା । ରାଜ୍ୟର ବିଭିନ୍ନ ସ୍ଥାନରେ ସୁନା, ହୀରା ଓ ମାଣିକ ଖଣି ଠାବ କରାଯାଇଥିବା ନେଇ ଖଣି ମନ୍ତ୍ରୀ ବିଷ୍ଣୁଦତ୍ତ ଝାଲୁଷ ଜେନା ବିଧାନସଭାରେ ସୂଚନା ଦେଇଥିଲେ ।

ଦୀର୍ଘତମ ଶାସନମୁଖ୍ୟ ହେବାରେ ଚାମଲିଙ୍ଗଙ୍କ ରେକର୍ଡ ଭାଙ୍ଗିଲେ ମୋଦୀ

ନୂଆଦିଲ୍ଲୀ, ୨୨/୩(ନ୍ୟୁ.ଏ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର (ମାର୍ଚ୍ଚ ୨୨) ସିକ୍ସିମର ପୂର୍ବତନ ମୁଖ୍ୟମନ୍ତ୍ରୀ ପବନ କୁମାର ଚାମଲିଙ୍ଗଙ୍କୁ ପଛରେ ପକାଇ ଭାରତର ସବୁଠାରୁ ଦୀର୍ଘ ସମୟ ଧରି କାର୍ଯ୍ୟରତ ଶାସନମୁଖ୍ୟ ହୋଇ ଇତିହାସ ସୃଷ୍ଟି କରିଛନ୍ତି । ସିକ୍ସିମର ମୁଖ୍ୟମନ୍ତ୍ରୀ ଭାବେ ୮,୯୩୦ ଦିନ କାର୍ଯ୍ୟ କରିଥିବା ଚାମଲିଙ୍ଗ ଏହି ରେକର୍ଡ ରଖିଥିଲେ । ବର୍ତ୍ତମାନ ପ୍ରଧାନମନ୍ତ୍ରୀ ମୋଦୀ ଗୁଜୁରାଟର ମୁଖ୍ୟମନ୍ତ୍ରୀ ତଥା ଭାରତର ପ୍ରଧାନମନ୍ତ୍ରୀ ଭାବରେ ତାଙ୍କର ମିଳିତ କାର୍ଯ୍ୟକାଳ ୮,୯୩୧ ଦିନ ପୂରଣ କରି ଏହି ଲକ୍ଷ୍ୟକୁ ଅତିକ୍ରମ କରିଛନ୍ତି । ଏହି ମାଇଲଷ୍ଟୋନ ଭାରତୀୟ ରାଜନୀତିରେ ଏକ ବିରଳ ସଫଳତାକୁ ଚିହ୍ନିତ କରେ, ଯାହା ଭାଲୟ ରାଜ୍ୟ ତଥା ଜାତୀୟ ସ୍ତରରେ ଦଶନ୍ଧି ଧରି ନିରନ୍ତର ଜନସେବା ଓ ନେତୃତ୍ୱକୁ ପ୍ରତିଫଳିତ କରେ । ନରେନ୍ଦ୍ର ମୋଦୀ ତାଙ୍କ ରାଜନୈତିକ କାରିୟରରେ ଅନେକ ମାଇଲଷ୍ଟୋନ ହାସଲ କରିଛନ୍ତି । ଗୁଜୁରାଟର ବଡ଼ନଗରରେ ଏକ ସାଧାରଣ ପରିବାରରେ ଜନ୍ମଗ୍ରହଣ କରିଥିବା ମୋଦୀ ଏକଦା ରେଳ ଷ୍ଟେସନରେ ଚା' ବିକ୍ରି କରିବାରେ ତାଙ୍କ ପିତାଙ୍କୁ ସାହାଯ୍ୟ କରିଥିଲେ । ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସ୍‌ଏସ୍) ଓ ପରେ ଭାରତୀୟ ଜନତା ପାର୍ଟି



(ବିଜେପି)ରେ ଯୋଗ ଦେଇ ରାଜନୈତିକ ସିଡ଼ିରେ ସେ ଉପରକୁ ଉଠିଥିଲେ । ସେ ୨୦୦୧ରେ ଗୁଜୁରାଟର ମୁଖ୍ୟମନ୍ତ୍ରୀ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ୨୦୧୪ରେ ପ୍ରଧାନମନ୍ତ୍ରୀ ହେବା ପୂର୍ବରୁ ଏକ ଦଶନ୍ଧିରୁ ଅଧିକ ସମୟ ଧରି ପଦବିରେ ରହିଥିଲେ । ସେ ଗୁଜୁରାଟର ସବୁଠାରୁ ଦୀର୍ଘ ସମୟ ଧରି କାର୍ଯ୍ୟରତ ମୁଖ୍ୟମନ୍ତ୍ରୀ ଥିଲେ । ୨୦୧୪ରେ କାର୍ଯ୍ୟଭାର ଗ୍ରହଣ କରିବାଠାରୁ ମୋଦୀ କ୍ରମାଗତ ତିନିଥର (୨୦୧୪, ୨୦୧୯ ଓ ୨୦୨୪) ଲୋକସଭା ନିର୍ବାଚନରେ ଦଳକୁ ବିଜୟୀ କରି ପ୍ରଧାନମନ୍ତ୍ରୀ ପଦ ବଜାୟ ରଖିଛନ୍ତି । ଜୁଲାଇ ୨୦୨୫ରେ, ନରେନ୍ଦ୍ର ମୋଦୀ ପୂର୍ବତନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ପଛରେ ପକାଇ କ୍ରମାଗତ ଭାବରେ ଦ୍ୱିତୀୟ ଦୀର୍ଘତମ ପ୍ରଧାନମନ୍ତ୍ରୀ ହୋଇଥିଲେ । ଜୁଲାଇ ୨୫, ୨୦୨୫ରେ ସେ କାର୍ଯ୍ୟକାଳର ୪,୦୭୮ ଦିନ ପୂରଣ କରିଥିଲେ । ୧୯୬୭ ମସିହା ଜାନୁଆରି ୨୪ ତାରିଖରୁ ୧୯୭୭ ମସିହା ମାର୍ଚ୍ଚ ୨୪ ତାରିଖ ପର୍ଯ୍ୟନ୍ତ ପୂର୍ବତନ ପ

କାହା ମନରେ ସନ୍ତାପ ନ ଦେବା
ହେଉଛି ଅହିଂସା - ମହାତ୍ମା ଗାନ୍ଧୀ

ଶୋଭନ
ଆରମ୍ଭ
SEITHO ARAMBHA

ସୋମବାର, ୨୩ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୨

ଠିକାଦାରଙ୍କ ମନମାନୀ, ତିନି ବର୍ଷ ପରେ ମଧ୍ୟ ସଂପୂର୍ଣ୍ଣ ହୋଇପାରୁନି ହଷ୍ଟେଲ କୋଠା

ବଣାଇଁ, ୨୨/୩ (ଆ.ପ୍ର) : ବଣାଇଁ ବ୍ଲକ ଅନ୍ତର୍ଗତ କେଳାଘେଟା ପଂଚାୟତ ଅଧିନସ୍ଥ ଇନ୍ଦ୍ରପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ସରକାରଙ୍କ ପକ୍ଷରୁ ଛାତ୍ରୀଙ୍କ ୧୦୦ ଶଯ୍ୟା ବିଶିଷ୍ଟ ବୃଦ୍ଧ ମହଲା ବିଶିଷ୍ଟ କୋଠା ଘର ଏଯାଏଁ ଅଧାପଡିଆ ଭାବେ ପଡ଼ିରହିଛି । ଏହା କେବେ ସମ୍ପୂର୍ଣ୍ଣ ହେବ କେଇ ଅଭିଯୋଗ କରିଛନ୍ତି । ବିଦ୍ୟାଳୟର ଏହି କୋଠା ତିଆରି ପାଇଁ ଗତ ୩ ବର୍ଷରୁ ଊର୍ଦ୍ଧ୍ୱ ହେବ ଠିକାଦାର ଜଣଙ୍କ ଲାଗି କାମ କରୁଥିବାରୁ ଯେତେବେଳେ ତାର ମନ ଲାଗିଲା ମିସ୍ତ୍ରୀ ଶ୍ରମିକ ଲଗାଇ କାମ କରୁଥିବା ବେଳେ କାହାର ତାଗିଦ୍ ଚଳୁନଥିବାରୁ କାମ ବନ୍ଦ କରି ପୁଣି ଛୁଟିରେ ଚାଲାଣ ହୋଇଯାଆନ୍ତି । ଲକ୍ତ ଠିକାଦାର ଜଣଙ୍କ ଦୁଇ ଦୁଇଟି ସ୍କୁଲର ହଷ୍ଟେଲ ନିର୍ମାଣ ପାଇଁ ଟେଣ୍ଡର ନେଇ ଥିବା ବେଳେ ଗୋଟିଏ କେଳାଘେଟା ହାଇସ୍କୁଲ ହଷ୍ଟେଲ ଓ ଆଉ ଗୋଟେ ସରକାରୀ ହାଇସ୍କୁଲର କୋଠା ରହିଥିବା ଜଣାପଡିଛି । ସେଗୁଡିକ ମଧ୍ୟ ଅଧାପଡିଆ ଭାବେ ପଡ଼ିରହିଛି । ତେବେ ସେହି ଠିକାଦାର ଜଣଙ୍କ ଇନ୍ଦ୍ରପୁର ହାଇସ୍କୁଲ ହଷ୍ଟେଲ ଘର ଗତ ତିନି ବର୍ଷରୁ ଅଧିକ ହେବ ଅଧାପଡିଆ ଭାବେ ପଳାଇ ରହିଥିବାରୁ ଏହା କେବେ ସମ୍ପୂର୍ଣ୍ଣ ହେବ ଆଉ ଛୁଟା ମାନେ କେବେ ରହିବେ ତାହା ଦେଖିବାକୁ ବାକି ରହିଛି । ଇନ୍ଦ୍ରପୁର ବିଦ୍ୟାଳୟ ପ୍ରଥମରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀ ମୋଟ ୧୧୯ ଜଣ ପାଠ ପଢୁଛନ୍ତି । ବିଦ୍ୟାଳୟରେ ହଷ୍ଟେଲ ଘର ନଥିବାରୁ ପିଲା ସଂଖ୍ୟା ଦିନକୁ ଦିନ କମିଟାରେ ଲାଗୁଛି ବୋଲି ଅଭିଭାବକ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଅଭିଯୋଗ କରିଛନ୍ତି । ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଇ ଲକ୍ତ ଠିକାଦାରଙ୍କୁ ତାଗିଦ କରିବା ସହ ଅଧାପଡିଆ ହଷ୍ଟେଲ ଘରକୁ ତୁରନ୍ତ ସମ୍ପୂର୍ଣ୍ଣ କରିବାକୁ ତାଗିଦ୍ କଲେ ଶିକ୍ଷାର ଭିତ୍ତିଭୂମି ସୁଧୁରୀ ପାରିବ ବୋଲି ଶିକ୍ଷାବିତ ତଥା ଅଂଚଳର ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି ।

ପ୍ରକଳ୍ପ ଅଧିକାର, ଦଶପଲ୍ଲା ଦ୍ୱାରା ବିଶ୍ୱ ଜଳ ଦିବସ ପାଳିତ

ଦଶପଲ୍ଲା, ୨୨/୩ (ଆ.ପ୍ର) : ଦଶପଲ୍ଲା ବ୍ଲକର ଗୁର୍ଡମ ବୁଢ଼ା ଗ୍ରାମ ପଂଚାୟତ ଅଧୀନ ଜନତି ଗ୍ରାମଠାରେ ପ୍ରକଳ୍ପ ଅଧିକାର, ଦଶପଲ୍ଲା ଦ୍ୱାରା ବିଶ୍ୱ ଜଳ ଦିବସ ପାଳନ କରାଯାଇଛି । ଏ ଅବସରରେ ବୁଢ଼ା ଗ୍ରାମ ପଂଚାୟତର ସମିତି ସଭ୍ୟ ସୁର୍ଣ୍ଣଲତା ଦେହୁରୀଙ୍କ ଅଧ୍ୟକ୍ଷତାରେ ଜଳ ସଂରକ୍ଷଣ ଓ ନାରୀ ଅଧିକାର ଶୀର୍ଷକ ଆଂଚଳିକ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସ୍ଥାନୀୟ ଏମ.ବି.କେ ଗୌରୀ ଯାନା, ସି.ଆର.ପି ନୟନା ଯାନା ଅତିଥି ଭାବେ ଯୋଗଦାନ କରି ଜଳ ସଙ୍କଟ, ଜଳ ପ୍ରଦୂଷଣ, ବଣ ପୋଡି ତଥା ମହିଳା ନିର୍ଯାତନା ଉପରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ସ୍ଥାନୀୟ ଜଳ ସମସ୍ୟା ଓ ଏହାର ସ୍ଥାୟୀ ପ୍ରତିକାର ପାଇଁ ବୁଢ଼ା ଅଙ୍ଗନବାଡି କର୍ମୀ ଯମୁନା ଜଁସିର ଓ ସାଧବାଣୀ ଜଁସିର ଗୁରୁତ୍ୱ ଦେବା ସହିତ ଏ ପ୍ରକାର ଆଲୋଚନା ସଭା ଗାଁ ଗାଁ ରେ କରିବା ଆବଶ୍ୟକ ବୋଲି ମତାମତ ଦେଇଥିଲେ । ଜଳ, ଜଙ୍ଗଲ, ଜମି, ମାଟି ମାଆର ସମ୍ମାନ ଓ ସୁରକ୍ଷା କରିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ ଓ ଧର୍ମ ବୋଲି ଅଧିକାର ମିତ୍ର ମାମିନୀ ନାୟକ, ବଦିତା ନାୟକ,ସରୋଜିନୀ ମଲିକ ଓ ଶ୍ରୀନିବାସ ରଣା ଇତ୍ୟାଦି ନିଜ ନିଜ ବକ୍ତବ୍ୟରେ କହିଥିଲେ । ସର୍ବ ଶେଷରେ ଅଧିକାର ମିତ୍ର ମନୋରଞ୍ଜନ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିବା ସହିତ ଜନଲୁ ନିଆଁ ବାଲୁରୁ ରକ୍ଷା କରିବା ପାଇଁ ନିବେଦନ କରିଥିଲେ ।

ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜର ବାର୍ଷିକ ଉତ୍ସବ ଅନୁଷ୍ଠିତ

ବାସୁଦେବପୁର, ୨୨/୩ (ଆ.ପ୍ର) : ଭଦ୍ରକ ଜିଲ୍ଲା ବାସୁଦେବ ପୁରରେ ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜର ସପ୍ତମ ବାର୍ଷିକ ଉତ୍ସବ ଧୂମଧାମରେ ଅନୁଷ୍ଠିତ ହୋଇଛି । ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅନେକ ମୁନିରାଜ ଓ ଅତିଥିମାନେ ଯୋଗଦେଇଥିଲେ । ଭଦ୍ରକ ଜିଲ୍ଲା ବାସୁଦେବ ପୁର ପୌରପାଳିକା ଅନ୍ତର୍ଗତ ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜର ସପ୍ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗୀ ହରେକୃଷ୍ଣ ମୁନି ଯୋଗଦେଇଥିଲେ । ସଭାପତି ଭାବେ ଶରତ ଚନ୍ଦ୍ର ପଣ୍ଡା ଓ ସଂପ୍ରାଦକ ଭାବେ ଜନଧର ପାଢ଼ୀ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗାଚାର୍ଯ୍ୟ ଦଶରଥ ପଣ୍ଡା ଯୋଗଦେଇ ଆଧ୍ୟାତ୍ମିକ ଜୀବନ ଓ ସମାଜ ସେବାର ଆବଶ୍ୟକତା ଉପରେ ଅଲୋଚନା କରିଥିଲେ । ସମାନିତ ଅତିଥି ଭାବେ ଯୋଗୀ ବରଷ ମୁନି ଓ ଅନ୍ୟାନ୍ୟ ମୁନି ଓ ମୁନି ମତି ମାନେ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମକୁ ଯୋଗୀ କରକବୁ ଶତପଥୀ ସମେତ ଅନ୍ୟାନ୍ୟ ସଦସ୍ୟମାନେ ସୁଚାରୁ ଭାବେ ପରିଚାଳନା କରିଥିଲେ । ଯୋଗୀ ତ୍ରିଲୋକ ମୁନି, ଯୋଗୀ ଭାଗିରଥି ମୁନି, ଯୋଗୀ ବୁଦ୍ଧିରାମ ମୁନି, ଯୋଗୀ କାଶୀନାଥ ମୁନି, ଯୋଗୀ ଉମାକାନ୍ତ ମୁନି, ମୁନିରାଜ ଆଶୁତୋଷ ବେହେରା, ମୁନିରାଜ ଶୁଭେନ୍ଦୁ ବେହେରା,ମୁନିରାଜ ସୁରେନ୍ଦ୍ର ପ୍ରସାଦ ନାୟକ, ମୁନିରାଜ ହରିଶ ଚନ୍ଦ୍ର ପଣ୍ଡା, ମୁନିରାଜ ଦେବେନ୍ଦ୍ର ବେହେରା, ମୁନିରାଜ ସୁରେଶ ଚନ୍ଦ୍ର ମହାକୁଡ,ଶିବମୁନି ଯୋଗାଶ୍ରମ ସହିତ ବିଭିନ୍ନ ସ୍ଥାନରୁ ଆସିଥିବା ମୁନିରାଜ, ମୁନିକୁମାର ଓ ମୁନି କୁମାରୀମାନେ ଏହି ଉତ୍ସବରେ ସାମିଲ ହୋଇଥିଲେ ।ସମାଜରେ ଆଧ୍ୟାତ୍ମିକ ମୂଲ୍ୟବୋଧକୁ ପ୍ରଚାର ପ୍ରସାର କରିବା ଓ ସମାଜରେ କୁସଂସ୍କାର ଓ ଅନ୍ଧ ବିଶ୍ୱାସ ଦୂର କରିବା ଦେଖିଛି ଆଜି ଉତ୍ସବର ମୁଖ୍ୟ ଲକ୍ଷ୍ୟ ।

ସିଦ୍ଧାନ୍ତ ସାହିତ୍ୟ ଅନୁଷ୍ଠାନ ତରଫରୁ ଆଶାଲତା ପାଣିଗ୍ରାହୀଙ୍କ 'ଓଡିଆ ସାହିତ୍ୟର ସ୍ୱରୋଦୟ' ଲୋକାର୍ପିତ

ପାରଳାଖେମୁଣ୍ଡି, ୨୨/୩ (ଆ.ପ୍ର) : ସିଦ୍ଧାନ୍ତ ସାହିତ୍ୟ ସଂସଦ ଆନୁକୂଲ୍ୟରେ ସ୍ଥାନୀୟ ଭଲ୍‌କ ହିତୈଷିଣୀ ସମାଜ କକ୍ଷଠାରେ ଏକ ଭବ୍ୟ ସମାରୋହରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ଆଶାଲତା ପାଣିଗ୍ରାହୀଙ୍କ ଲିଖିତ 'ଓଡିଆ ସାହିତ୍ୟର ସ୍ୱରୋଦୟ' ଲୋକାର୍ପିତ ହୋଇଛି । ସିଦ୍ଧାନ୍ତ ଅନୁଷ୍ଠାନର ସଭାନେତ୍ରୀ ଡ.ଅମୃତପୂର୍ଣ୍ଣା ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାବେଶରେ ଗବେଷକ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି, ନରେନ୍ଦ୍ରପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ତୁଷିକେଶ ପଣ୍ଡା ମୁଖ୍ୟ ବକ୍ତା, ଶ୍ରୀକୃଷ୍ଣ ଚନ୍ଦ୍ର ଗଜପତି (ସ୍ୱୟଂଶାସିତ) ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ଡ. ବିପ୍ଳବ ରଞ୍ଜନ ପ୍ରଧାନ ଓ ମହିଳା ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷା ଡ.କଳ୍ୟାଣୀ ମିଶ୍ର ସମାନିତ ଅତିଥି ରୂପେ ଯୋଗଦାନ କରିଥିଲେ । ମୁଖ୍ୟ ବକ୍ତା ଡ. ପଣ୍ଡା ଲେଖିକାଙ୍କ ଲିଖିତ ଏହି ପୁସ୍ତକ ସାର୍ବଜନୀନ ହେବା ସହ ଓଡିଆ ଭାଷାର ଏକ ଦିଗନ୍ତ କହିଥିଲେ । ଓଡିଆ ଭାଷା ଆଜି ଆଧୁନିକ ଭାଷା ମାନ୍ୟତା ପାଇଥାଏ ତେବେ ଓଡିଆ ସଂସ୍କୃତ ଭାଷା ସହ ସାମଞ୍ଜସ୍ୟ ରହିଛି । ଗୋପିନାଥ ମହନ୍ତ ନନ୍ଦମଂଜ ପାଲୁ ଆରମ୍ଭ କରି ଡ.ବେଣୀ ମାଧବ ପାଢ଼ୀ" ଜ ପର୍ଯ୍ୟନ୍ତ ଯେଉଁସବୁ ଲେଖକ, କବି ଓ ପ୍ରାବନ୍ଧିକ ନିଜର ଉତ୍କୃଷ୍ଟତା ପ୍ରତିପାଦନ କରିପାରିଛନ୍ତି, ଆଜି ତାହାର ପ୍ରଭାବ ଲେଖିକାଙ୍କ ପୁସ୍ତକରେ ପ୍ରତିଫଳିତ ହୋଇଛି । ୩୮ ଅଧ୍ୟାୟ ବିଶିଷ୍ଟ ଏହି ପ୍ରବନ୍ଧରେ ସରଳ ଓ ସାବଲୀଳ ଭାଷାରେ ଲେଖାଯାଇଛି ଯାହା ପାଠକ ପାଠିକାମାନଙ୍କ ପାଇଁ ଓଡିଆ ଭାଷା ଓ ସାହିତ୍ୟର ନୂଆ ଅନୁଶୀଳନ ସୃଷ୍ଟି କରିବ ଏଥିରେ ସନ୍ଦେହ ନାହିଁ ।ସମାନିତ ଅତିଥି ଡ଼ଃ ମଧ୍ୟ ଏହି ପୁସ୍ତକ ସମ୍ପର୍କରେ ବିଶ୍ଳେଷଣ କରିଥିଲେ । ମୁଖ୍ୟ ଅତିଥି ଏହି ପୁସ୍ତକର ସମୀକ୍ଷା ସଂପର୍କରେ ଲେଖିକାଙ୍କ କୃତିକୁ ତାରିଫ କରିଥିଲେ । ଏହି ଅବସରରେ ବିଶିଷ୍ଟ କବି କେଶରୀ ନବକିଶୋର ମହାରଣାଙ୍କୁ ସମ୍ମାନିତ କରାଯାଇଥିଲା । ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନାଚାର୍ଯ୍ୟ ସରୋଜ କୁମାର ପଣ୍ଡା ସ୍ୱାଗତ ଭାଷଣ ଓ ଶିକ୍ଷୟିତ୍ରୀ ବଦିତା ପୁରୋହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷକ ଅମୂଲ୍ୟ କୁମାର ପାଣିଗ୍ରାହୀ ସଂଯୋଜନା କରିଥିଲେ ଓ ଡ଼ିପଡି ପ୍ରସାଦ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଲେଖିକାଙ୍କ ବୁଢ଼ା ପୁତ୍ର ଅକ୍ଷୟ ଓ ଅମିତ ତଥା ବୁଢ଼ା ବୋହୂ ସ୍ୱାତୀ ଓ ସରିତାଙ୍କ ସହ ପରିବାର ବର୍ଗ ଉପସ୍ଥିତ ଥିଲେ ।

ମଣ୍ଡଳ ସ୍ତରୀୟ କ୍ରୀଡା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ ୨୦୨୬ -୨୭

ଦଶପଲ୍ଲା, ୨୨/୩ (ଆ.ପ୍ର) : ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ନୟାଗଡ଼ ଏବଂ କ୍ରୀଡା ଓ ଯୁବ ସେବା ବିଭାଗ ଓଡ଼ିଶା ସରକାରଙ୍କ ପକ୍ଷରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ କ୍ରୀଡା ପ୍ରତି ଆଗ୍ରହ ସୃଷ୍ଟି କରିବା ଓ କ୍ରୀଡ଼ାକୁ ନେଇ ଭବିଷ୍ୟତ ଗଢିବା ନିମନ୍ତେ ଜିଲ୍ଲାସ୍ତରରେ ସମସ୍ତ ବ୍ୟବସ୍ଥା କରାଯାଇଥିବା ବେଳେ ନୟାଗଡ଼ ଜିଲ୍ଲାରେ ଥିବା କ୍ରୀଡା ଛାତ୍ରାବାସରେ ରହି ଶିକ୍ଷା ଗ୍ରହଣ ନିମିତ୍ତ ଖୋ-ଖୋ ବିଭାଗ ରେ ଛାତ୍ରଛାତ୍ରୀ ଚୟନ ରବିବାର ପିଏମଶ୍ରୀ ରାଧାମୋହନ ଜୀଲ୍ଲ ନୋଡାଲ ଉଚ୍ଚ ବିଦ୍ୟାଳୟ ଖୋଜ ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି । ୨୦୨୬-୨୭ ଶିକ୍ଷାବର୍ଷ ନିମନ୍ତେ ଅନଲାଇନ ମାଧ୍ୟମରେ ୮ରୁ ୧୪ ବର୍ଷର ଛାତ୍ରଛାତ୍ରୀ ଫର୍ମ ପୂରାଇଥିବା ବେଳେ ବଣପଲ୍ଲୀ ରୁ ୧୬ ଜଣ, ଗଣିଆ ରୁ ୨ ଜଣ ଛାତ୍ରଛାତ୍ରୀ ଚୟନ କାର୍ଯ୍ୟକ୍ରମରେ ଯୋଗଦେଇ ଥିଲେ । ବିଦ୍ୟାଳୟର ପ୍ରଧାନଶିକ୍ଷକ ବିଭୂତ କୁମାର ନାୟକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିବା ବେଳେ କ୍ରୀଡ଼ାଶିକ୍ଷକ ସଂଗ୍ରାମ କେଶରୀ ଜେନା ଏହାକୁ ପରିଚାଳନା କରିଥିଲେ । ଏଥିସହିତ ଅନ୍ୟତମ ଶିକ୍ଷକ ବ୍ରଜବନ୍ଧୁ ମଣ୍ଡଳ, କୁମୁଦିନୀ ଦେଇ, ହେମନ୍ତ କୁମାର ନାୟକ ଓ ସୁଭଦର୍ଶନ ପଣ୍ଡା ପ୍ରମୁଖ ଯୋଗଦେଇ ଚୟନ କାର୍ଯ୍ୟକୁ ସୁଗୁଣ୍ଠ ରୂପେ ସମାପନ କରିଥିଲେ । ସେହିଭଳି ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା କ୍ରୀଡା ଅଧିକାରିଣୀ ସୁଜାତା ସାହୁ ଉପସ୍ଥିତ ରହି ସମ୍ପନ୍ନ ରୂପେ କାର୍ଯ୍ୟକ୍ରମକୁ ସମାପନ କରିଥିଲେ ।

ଅଭିଯୋଗ ପରେ ବି ସୁଧୁରୁନି ରାସ୍ତା ଓ ଡ୍ରେନ ସମସ୍ୟା

ବଣାଇ, ୨୨/୩ (ଆ.ପ୍ର) : ବଣାଇ ସହର ସ୍ଥିତ ଜଗନ୍ନାଥ ପୁର ବସ୍ତିରେ ଡ୍ରେନ ଓ ରାସ୍ତା ଅନିୟମିତତା ନେଇ ବଣାଇ ସରପଂଚଙ୍କୁ ଲିଖିତ ଅଭିଯୋଗ କରିଥିଲେ ସୁଧା ଅଧେଶ୍ୱର ଜରିଥିବା ହେତୁ ଅଂଚଳବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ସୂଚନାନୁସାରେ ପ୍ରକାଶ ଜଗନ୍ନାଥ ପୁର ବସ୍ତି ବାସିନ୍ଦା ବାରମ୍ବାର ପ୍ରଶାସନକୁ ଅବଗତ କରିଥିଲେ ସୁଧା ଚିମିନାଦୁକ ମନୋଲାଭ ଯୋଗୁଁ ମୌଳିକ ସୁବିଧାରୁ ବଂଚିତ ଅଛନ୍ତି ବାସିନ୍ଦା । ଏଠାରେ ଗମନାଗମନ ପାଇଁ ଭଲ ରାସ୍ତା ଖଣ୍ଡେ ନାହିଁ, ଡ୍ରେନ ନିର୍ମାଣ ହେଲା କିନ୍ତୁ ପାଣି ନିଷ୍କାସନର ଚୌଣସି ବ୍ୟବସ୍ଥା କରାଗଲା ନାହିଁ, ସମ୍ବାଦ ଡ୍ରେନରେ ଯେତେ ସବୁ ମାଲମ ପତି ଲାଗି ରହେ ଯାଇଛି । ଆଜକୁ ବର୍ଷା ଦିନ ମଶା ମାଛି ବଂଶ ବୃଦ୍ଧି ଫଳରେ ଡେଙ୍ଗୁ, ମଲାରିଆ, ମାଲେଲିଆ, ଡାଇରିଆ ଭଳି ରୋଗ ଅଂଚଳ ବାସୀଙ୍କୁ ରୋଗାକ୍ରାନ୍ତ ହେବାର ସମ୍ଭାବନା ଅଛି । ଡ୍ରେନର ପାଣି ଓ ମଇଳା ଦୁର୍ଗନ୍ଧରେ ଯିବା ଆସିବାରେ ଘୋର ଅସୁବିଧା ହେଉଥିବା ଅଭିଯୋଗ କରୁଛନ୍ତି । ତେଣୁ ତୁରନ୍ତ ପ୍ରଶାସନ ଦୃଷ୍ଟି ଦେଇ ଡ୍ରେନ ଓ ରାସ୍ତା ସମସ୍ୟା ଦୂର କରିବା ପାଇଁ ଅଂଚଳ ବାସୀ ଦାବୀ କରୁଛନ୍ତି ।

ବିପଦ ସଂକେତରେ ଶୁଖିଲା ଗଛ, ଆଶଙ୍କା ଏଡାଇବାକୁ ଦାବି

ବଣାଇଁ, ୨୨/୩ (ଆ.ପ୍ର) : ଲହୁଣିପଡ଼ା ବ୍ଲକ ଅନ୍ତର୍ଗତ ଶରପାଧୁର ଓ ରଜାମୁଣ୍ଡା ଗ୍ରାମର ଗ୍ରାମ୍ୟ ଉନ୍ନୟନ ବିଭାଗ ରାସ୍ତା କଡରେ ଦୀର୍ଘ ବର୍ଷ ଧରି ପୁରୁଣା ବୃକ୍ଷଟି ଶୁଖିଲା ଆକାରରେ ରହିଥିବାରୁ ଯାତାୟାତ କରୁଥିବା ପଥଚାରୀଙ୍କ ମଧ୍ୟରେ ଏକପ୍ରକାର ଭୀତିର ସୃଷ୍ଟି ଯାଇଥିବା ଦେଖିବାକୁ ମିଳିଛି । ସ୍ଥାନୀୟ ଲୋକଙ୍କ ଆଶଙ୍କା ଯେ କେବେ ବେଳେ ଗଛଟି କାଟା ଉପରେ ପଡି ଯାଇପାରେ ତାହା କହି ହେବ ନାହିଁ ବୋଲି ଅଭିଯୋଗ କରିଛନ୍ତି । ଗ୍ରାମବାସୀଙ୍କ କହିବା ଅନୁଯାୟୀ ଏହି ରାସ୍ତା ଦେଇ ଅନେକ ଛୋଟ ବଡ଼ ଯାନବାହନ ଯିବା ଆସିବା କରିଥାନ୍ତି । ଦିନ କଣ ରାତି କଣ ଏହି ରାସ୍ତା ଦେଇ ସାଧାରଣ ପଥଚାରୀ, স্কুল ଛାତ୍ରଛାତ୍ରୀ, କଲେଜ ଛାତ୍ରଛାତ୍ରୀ ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି । ଏବେ ଗ୍ରୀଷ୍ମ ଋତୁ ସହିତ ଅବିରତି ବର୍ଷା ଝଡି ବୁଟାଳ୍ ସମୟ ରହିଛି । କେବେ ଯଦି ଗଛଟି ଖସି ହୋଇଗଲେ ବା ଭଙ୍ଗିଯାଇ ହୋଇ ଗଛର ଡାଳ ଭାଙ୍ଗି ସଂପୂର୍ଣ୍ଣ ଗଛ ପଡି ପଥଚାରୀଙ୍କ ଜୀବନ ସଂକଟରେ ଚାଲି ଯିବ ତାହା କହି ହେବ ନାହିଁ । ମଝିରେ ମଝିରେ ଏହି ଶୁଖିଲା ଗଛରୁ ଡାଳ ଖଣ୍ଡ ପଡୁଥିବା କଥା ମଧ୍ୟ ସ୍ଥାନୀୟ ଲୋକେ କହିଛନ୍ତି । ଦେବ ଆଉ ଆଉ ସାଧାରଣଜନତା ଅବଲମ୍ବନ କରା ନଗଲେ ଆଗକୁ ବିପଦ ପଡିପାରେ ବୋଲି ଅଭିଯୋଗ ହେଉଛି । ତେଣୁ ଭଙ୍ଗ ଶୁଖିଲା ଗଛକୁ ବୃଷ୍ଟିରେ ରଖି ଜନ ବିଭାଗ ପକ୍ଷରୁ ଦେଇ କିମ୍ବା ଅଗ୍ନିଶମ ବିଭାଗ ପକ୍ଷରୁ ତୁରନ୍ତ ଗଛକୁ କାଟି ବିପଦ ମୁକ୍ତ କରାଯାଇ ବୋଲି ସାଧାରଣରେ ଦାବି ହେଉଛି ।

ଷ୍ଟାଫନର୍ସ ନଥିବାରୁ ଇଞ୍ଜେକ୍ସନ ସାଲାଇନ ବାଧାପ୍ରାପ୍ତ, ରୋଗୀ ଅସୁବିଧାର ସମ୍ମୁଖୀନ

ଧାମନଗର, ୨୨/୩ (ଆ.ପ୍ର) : ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀ ପରିଷଦ ଡିଜୁରା ପିଟୁଛନ୍ତି ରାଜ୍ୟରେ ଚାଲିଛି ଲୋକଙ୍କ ସରକାର । କିନ୍ତୁ ପ୍ରକୃତରେ ବିଭିନ୍ନ କ୍ଷେତ୍ରରେ ଲୋକଙ୍କୁ ନାହିଁ ନଥିବା ଅସୁବିଧାରେ ପକାଇଛି ଜବଲ ଜଞ୍ଜିର ମୋହନ ସରକାର । ଧାମନଗର ମେଡିକାଲରେ ଦିନକୁ ଦିନ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହେବାର ଦେଖାଦେଇଛି । ରୋଗୀଙ୍କୁ ଏଞ୍ଜେକ୍ସନ ସାଲାଇନ ଦେବା ପାଇଁ ନାହାଙ୍କି ଷ୍ଟାଫନର୍ସ ଡିଜିସାଧ୍ୟନ ରୋଗୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ । ଖବର ନେବାରୁ ଯାହା ଜଣାଯାଏ ଧାମନଗର ବ୍ଲକ ମୁକ୍ତ ପାପୁର ଫଂଚାୟତର ସ୍ଥାୟୀ ବାସିନ୍ଦା କଳଗୁମ ବିବିଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଧାମନଗର ମେଡିକାଲରେ ଭର୍ତ୍ତି କରାଯାଇଥିବା ବେଳେ ଦୁଃଖ ଓ ପରିତାପର ବିଷୟ ଇଞ୍ଜେକ୍ସନ ସାଲାଇନ ନେବା ପାଇଁ ଷ୍ଟାଫନର୍ସ ନଥିବାରୁ ଦିବା ୨ଟାରୁ ୨ଟା ୩୦ ମିନିଟ ପର୍ଯ୍ୟନ୍ତ ରୋଗୀଙ୍କୁ ଅପେକ୍ଷା କରିବାକୁ ପଡିଥିଲା । ଏଠି ପ୍ରଶ୍ନ ଜାଗେ ଯେ ଡାକ୍ତରଙ୍କୁ ନଜଣାଇ ଡିଯୁଟି ଛାଡି ଚାଲିଯିବାରୁ ଉପସ୍ଥିତ ଡାକ୍ତର ଘୋର ଅସନ୍ତୋଷ ପ୍ରକାଶ କରିଥିଲେ । ପ୍ରକାଶ ଥାଉକି ଡିଯୁଟି ଚିଠାରେ ଜଣଙ୍କ ନାମ ଥିବା ବେଳେ ଆଉ ଜଣେ ଷ୍ଟାଫନର୍ସ ମନମୁଖୀ ଭାବେ କାର୍ଯ୍ୟ କରୁଛନ୍ତି । ଏଥିରେ ମଜିନା ଝାଡୁଦାର ମାନେ ଏଞ୍ଜେକ୍ସନ ସେଲାଇନ ଦେଉଛନ୍ତି ଯଦି ରୋଗୀର କିଛି ଅସୁବିଧା ହୁଏ ତାହେଲେ ଦାୟୀ କିଏ ହେବ ବୋଲି ଚିକିତ୍ସାଧିନ ରୋଗୀ ଓ ତାଙ୍କର ପରିବାର ଲୋକେ ଗଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି । ସରକାରଙ୍କ ନିୟମକୁ ଉଲଙ୍ଘନ କରି କେତେକ ଷ୍ଟାଫନର୍ସ ଦୀର୍ଘ ବର୍ଷ ବର୍ଷ ଧରି ଏଠାରେ ରହି ଅଫିସର ଏବଂ ଡାକ୍ତର ମାନଙ୍କୁ ଖୁସି କରି ମନମୁଖୀ କାର୍ଯ୍ୟ କରିଚାଲିଛନ୍ତି । ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, ଜିଲ୍ଲାପାଳ ବିମ୍ବୁପ ରାଜନରାଓ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ସ୍ୱାସ୍ଥ୍ୟ ସେବା ଓ ଲକ୍ତ ଗଚଣାକୁ ଗୁର

ଶୀର୍ଷଛକ
ଆରମ୍ଭ
SEITHO ARAMBHA
ସୋମବାର, ୨୩ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା - ୩

ମେଂଟୁନି ଶୋଷ, ପାଣିମୁଦାଏ ପାଇଁ ଗରା, ବାଲତିଧରି ରାଜରାସ୍ତାରେ ବସିଲେ ମହିଳା

ନୀଳଗିରି, ୨୨/୦୩ (ଆ.ପ୍ର) : ଜଳ ହିଁ ଜୀବନ ।ଜୀବସତ୍ତାର ବିକାଶ ଓ ବିନାଶ କ୍ଷେତ୍ରରେ ଜଳର ପ୍ରମୁଖ ଭୂମିକା ରହିଛି । ଜୀବଜଗତ ବିଶେଷକରି ମନୁଷ୍ୟସମାଜ ପାଇଁ ସରକାର ଶୁଦ୍ଧ ପାନୀୟଜଳ ବ୍ୟବସ୍ଥା କରି ବିଭିନ୍ନ ଯୋଜନାରେ ସହରାଂଚଳ ଓ ଗାଁ ମାନଙ୍କୁ ଜଳଯୋଗାଣ କରୁଥିବା ବେଳେ, ନୀଳଗିରି ବ୍ଲକ ନରସିଂହପୁର ପଂଚାୟତ ଆଡ଼ିଆଞ୍ଚୁଂଟା ଗାଁର ଜଳକଷ୍ଟ ଲାଗିଲେ ନସରେ । ଏହି ଗାଁ ପ୍ରତି ରାଜନୈତିକ ଓ ପ୍ରଶାସନିକ ସ୍ତରରେ ଅଣଦେଖା କରାଯାଉଥିବାରୁ ଗାଁ ଲୋକମାନେ ଦୀର୍ଘବର୍ଷ ଧରି ଜଳକଷ୍ଟ ଭୋଗୁଛନ୍ତି ।ରାଜ୍ୟସରକାର ବସୁଧା ଯୋଜନା ବ୍ୟବସ୍ଥାକରି ଜଳଯୋଗାଣ କରିଥିଲେ ମଧ୍ୟ ଉକ୍ତ ଯୋଜନାରେ ଗାଁଲୋକ ଦୀର୍ଘ ୨ମାସ ଧରି ପିଇବାପାଇଁ ପାଇବାରେ ବଂଚିତ ହେଇଛନ୍ତି । ସୋନନଦୀ ଜୁଡ଼ିଆ ଗାଁ ହୋଇଥିଲେ ମଧ୍ୟ ସରକାର ସୋନନଦୀରେ ବନ୍ଧବାନ୍ଧି ମେଗାପାନୀୟ ଜଳ ପ୍ରକଳ୍ପ ଦ୍ୱାରା ବ୍ଲକ୍‌ର ବିଭିନ୍ନ ପଂଚାୟତକୁ ଜଳଯୋଗାଇ ଆସୁଥିବା ବେଳେ ଏହି ସୁବିଧାରୁ ବଂଚିତ ହେଉଛନ୍ତି ଆଡିଆଞ୍ଚୁଂଟା ବାସୀ । ଏହି ଗାଁର ଲୋକ ସତେ ଯେମିତି ବାଦ୍ୟ ଜଗତରୁ ବିଚ୍ଛିନ୍ନ । ଏମାନଙ୍କ ପାଇଁ ଜଳ ଯେମିତି ସାରସପନ ପାଲଟିଛି । ମେଗାପାନୀୟ ଜଳଯୋଗାଣର ପାଇପ ଗାଁକୁ ବିଛାଯାଇଥିଲେ ମଧ୍ୟ ଜଳଯୋଗାଣ କରାଯାଇନାହିଁ । ଯାହା ଫଳରେ ଗାଁ ଲୋକ ଶୋଷ ମେଂଟାଇବାକୁ ଦୁଆପାଣି ସହିତ ନଳାପାଣି ଉପରେ ଭରସା କରିଚାଲିଛନ୍ତି । ଉକ୍ତ ଗାଁର ପ୍ରାୟ ୯ଟି ନଳକୂପ ଥିଲେ ମଧ୍ୟ ଆଶାନୁରୂପକ ଜଳ ବେଉଳଥିବାରୁ ଗାଁ ଲୋକମାନେ ପିଇବା ପାଣି ପାଇଁ ଦହଦିନ ହେଉଥିବାରୁ ଶେଷରେ ଆଜି ଶତାଧିକ ମହିଳା ଗରା, ବାଲତି ଧରି ଆଡ଼ିଆଞ୍ଚୁଂଟା ନରଣପୁର ଜୟପୁର ରାସ୍ତାର ଅଜିଆଞ୍ଚୁଂଟା ଠାରେ ରାସ୍ତାଅବରୋଧ କରି ପ୍ରତିବାଦ କରିଛନ୍ତି । ଏନେଇ ବିକାଶପକ୍ଷରୁ ରାଜରାସ୍ତାରେ ବସି ପ୍ରତିବାଦ କରୁଥିବା ମହିଳାଙ୍କ ଠାରେ ଉପସ୍ଥିତ ନହେବା ଦୃଶ୍ୟ ଓ ପରିତାପର ବିଷୟ । ଖରା ଆରମ୍ଭ ନହେଉଣୁ ଯଦି ଏପରି ଦୃଶ୍ୟ ଦେଖିବାକୁ ମିଳୁଛି ତେବେ ପ୍ରଚଣ୍ଡଖରା ହେଲେ ଏହି ଗାଁ ଲୋକଙ୍କର ଅବସ୍ଥା କଣ ହେବ ଓ କିଏ ବାସୀ ରହିବ ତାହାକୁ ନେଇ ଉଠିଛି ପ୍ରଶ୍ନ । ଏନେଇ ଗାଁ ଲୋକ ବିକାଶୀୟ ଅଧିକାରୀ ମାନଙ୍କୁ ବାରମ୍ବାର ଅଭିଯୋଗ କରିଥିଲେ ହେଁ ବିକାଶୀୟ ଅଧିକାରୀ ଓ ମେଗାପାନୀୟ ଜଳଯୋଗାଣ ଠିକାଦାରଙ୍କ ମନମାନୀ ଯୋଗୁଁ ଗାଁ ଲୋକ ପାଣିପାଇବାରୁ ବଂଚିତ ହେଉଥିବାର ଶତାଧିକ ଧାରଣାକାରୀ ମହିଳାମାନେ ଅଭିଯୋଗ କରିଛନ୍ତି ।

ଅଗ୍ନିକାଣ୍ଡ ଘଟି ଚାରି ବଖରା ପୋଡି, ଲକ୍ଷାଧିକ ଟଙ୍କାର ସମ୍ପତ୍ତି ନଷ୍ଟ

ସିମୁଳିଆ, ୨୨/୦୩ (ଆ.ପ୍ର) : ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଜୈନିକ ବ୍ୟକ୍ତିଙ୍କ ୪ବଖରା ଘର ପୋଡିଯିବା ସହ ଲକ୍ଷାଧିକ ଟଙ୍କାର ସମ୍ପତ୍ତି ପୋଡି ପାଉଁଶ ହୋଇଯାଇଛି । ସୂଚନାରୁ ପ୍ରକାଶ ସିମୁଳିଆ ଥାନା ଅନ୍ତର୍ଗତ ଅବଦୁଣା ପଂଚାୟତ ସୋମନାଥପୁର ସ୍ୱାଇଁ ସାହିର ଗତକାଲି ରାତିରେ ଗୟାଧର ସ୍ୱାଇଁଙ୍କ ପରିବାର ଲୋକେ ଖାଇପିଇ ଶୋଇଯିବା ପରେ ବିଳମ୍ବିତ ରାତିରେ ବିଦ୍ୟୁତ ସର୍ଟସର୍କିଟ ହୋଇ ଘରେ ନିଆଁ ଲାଗି ଯାଇଥିଲା । ନିଆଁ ଲାଗିଯାଇଥିବାର ଗ୍ରାମର ଜଣେ ବ୍ୟକ୍ତି ଦେଖି ଚିତ୍କାର ଛାଡିଥିଲା । ତାଙ୍କ ଶୁଣି ପରିବାରର ଚାରିଜଣ ଜୀବନ ବିଜରେରେ ଘରୁ ଦୌଡ଼ି ବାହାରକୁ ବାଲି ଆସିଥିଲେ । ଅଗ୍ନିକାଣ୍ଡ ଘଟି ଚାରି ବଖରା ଘର ପୋଡିଯିବା ସହ ଧାନ, ଚାଉଳ, ଲୁଗାପଟା, ଆସବାବ ପତ୍ର, ସୁନା ରୁପା ଅଳଙ୍କାର ଆଦି ଜିନିଷ ପୋଡି ପାଉଁଶ

ହୋଇଯାଇଛି । ଏଥି ସହିତ ବ୍ୟାଙ୍କ ଋଣ ସୁଝିବା ନିମନ୍ତେ ରୁପସୁ ୫୦ହଜାର ଋଣ କରି ଆଣିଥିବା ଟଙ୍କା ମଧ୍ୟ ପୋଡି ପାଉଁଶ ହୋଇଯାଇଛି । ଖରର ପାଇ ଅତୀ ଦମନକ ରାଣିନୀ ଗଡଣା ସ୍ଥଳରେ ପହଂଚି ନିଆଁକୁ ଆୟତ କରିଥିଲା । ମାତ୍ର କୌଣସି ଜିନିଷ ଉଦ୍ଧାର କରି ପାରି ନାହାନ୍ତି ପରିବାର ଲୋକେ । ଗୟାଧର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ତାକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ନିବେଦନ କରିଛନ୍ତି ।

ମହେଶପୁର ପ୍ରିମିୟମ ଲିଗ କ୍ରିକେଟ ଟୁର୍ଣ୍ଣାମେଂଟ ଉଦ୍‌ଯାପିତ ଫାଇନାଲ ଟ୍ରଫି ବେଲଦା ଷ୍ଟ୍ରାଇକର କ୍ରିକେଟ ଟିମ୍

ଭୋଗରାଇ, ୨୨/୦୩ (ଆ.ପ୍ର) : ଭୋଗରାଇ ବ୍ଲକ ମହେଶପୁର ପଂଚାୟତ ଝାଟିଆବାଡି ଖେଳ ପଡିଆଠାରେ ମହେଶପୁର ପ୍ରିମିୟମ ଲିଗ ରବିବାର ଉଦ୍‌ଯାପିତ ହୋଇଯାଇଛି । ଏହି ଟୁର୍ଣ୍ଣାମେଂଟରେ ୬ ଟି ଦଳ ଅଂଶଗ୍ରହଣ

କରିଥିଲାବେଳେ ଫାଇନାଲକୁ ବେଲଦା ଷ୍ଟ୍ରାଇକର ଓ ସମ୍ବନ୍ଧି ଇଲେଭେନ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ସେଥିରେ ଚିତାକର୍ଷକ ଖେଳ ପ୍ରଦର୍ଶନ କରି ବେଲଦା ଷ୍ଟ୍ରାଇକର ଫାଇନାଲ ଟ୍ରଫି ହାସଲ କରିଥିଲେ । ଖେଳ ପରିଚାଳନାରେ ଦେବାଶିଷ ଗିରି, ଶୁଭବ୍ରତ ମିଶ୍ର, ଓମ୍ ପ୍ରକାଶ ଜେନା ସହଯୋଗ କରିଥିଲେ । କମିଟିର ସଦସ୍ୟ ପବିତ୍ର ଦତ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଅନନ୍ତ ଦାସ ଫାଇଣ୍ଡେସନର କାର୍ଯ୍ୟକାରୀ ସଭାପତି ଜଂ. ଅଜିତ ଦାସ, ମୁଖ୍ୟବକ୍ତା ମହେଶପୁର ପଂଚାୟତର ସରପଂଚ ବରେନ୍ଦ୍ର ପାତ୍ର, ସମ୍ମାନିତ ଅତିଥି ସମାଜସେବୀ ପ୍ରିୟବ୍ରତ ପ୍ରଧାନ, ହରିହର ବେହେରା, କାର୍ତ୍ତିକ ଗିରି, ସାମ୍ବାଦିକ ବିଶ୍ୱଜିତ ମହାନ୍ତି, ଦିଲ୍ଲୀପ ଦାସ, ସୁରେଶ ଚନ୍ଦ୍ର ମହାନ୍ତି ପ୍ରମୁଖ ଉପସ୍ଥିତ ହୋଇ ବକ୍ତବ୍ୟ ପ୍ରଦାନ କରିଥିଲେ । ଶେଷରେ ଫାଇନାଲ ଟ୍ରଫି ହାସଲ କରିଥିବା ବେଲଦା ଷ୍ଟ୍ରାଇକର କ୍ରିକେଟ ଟିମକୁ ଟ୍ରଫି ସହିତ ଟିମର ସମ୍ବନ୍ଧି କଞ୍ଚେ ୪୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା ବେଳେ ରନର୍ସ ଅପ ସମ୍ବନ୍ଧି ଇଲେଭେନ କ୍ରିକେଟ ଟିମକୁ ଟ୍ରଫି ସହିତ ଟିମର ସମ୍ବନ୍ଧି କଞ୍ଚେ ୩୦ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା । କମିଟିର ସଦସ୍ୟ ସୁନୀଲ ପାତ୍ର, କୁନାଲ ପଟ୍ଟନାୟକ, ବଦିଆ ଦେ, ସରୋଜ ଦାସ, ସୁମନ ଦେ, ପବିତ୍ର ଦତ, ଶମ୍ଭୁନାଥ ପାତ୍ର, ଗୁଡୁ ଜେନା, ଶୁଭମ ମହାନ୍ତି, ପବିତ୍ର ଦାସ, ଜଟି ପଟ୍ଟନାୟକ, ପପୁ ପଟ୍ଟନାୟକ, ସିପୁଳ ଦେ, ରାଜୁ ମହାପାତ୍ର, ସୁବଲ ସୋରେନ, ବିଷ୍ଣୁ ଦତ, ବିଜୁ ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

ମାହାଙ୍ଗାରେ ଜନଗଣନା ପ୍ରଶିକ୍ଷଣକୁ ନେଇ ଚିନ୍ତାରେ ଶିକ୍ଷକ : ଅଚିନ୍ତାରେ ପ୍ରଶାସନ

ମାହାଙ୍ଗା, ୨୨/୦୩ (ଆ.ପ୍ର) : ମାହାଙ୍ଗା ବ୍ଲକରେ ୨୪.୦୩.୨୦୨୬ରିଖ ଠାରୁ ତା୧୦.୦୪.୨୦୨୬ରିଖ ପର୍ଯ୍ୟନ୍ତ ପ୍ରତିଦିନ ଏ ଓ ବି ଦୁଇଟି ସ୍ଲାଟମାଧ୍ୟମରେ ୫୦ଜଣ ଶିକ୍ଷକଙ୍କୁ ନେଇ ଜନଗଣନା ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆରମ୍ଭ କରାଯିବ ଯାହାକୁ ନେଇ ବିଭିନ୍ନ ଶିକ୍ଷକମାନେ ଚିନ୍ତା ପ୍ରକଟ କରିଛନ୍ତି । ବର୍ତ୍ତମାନ ମ୍ୟାଟ୍ରିକ ପରୀକ୍ଷା ଖାତା ଦେଖା କାର୍ଯ୍ୟରେ ଶିକ୍ଷକମାନେ ଅଂଶଗ୍ରହଣ କରିଛନ୍ତି । ସେମାନେ ଜିଲାଜି ଭାବରେ ଜନଗଣନା ପ୍ରଶିକ୍ଷଣରେ ଯୋଗଦେବେ । ଜିଲ୍ଲାପ୍ରଶାସନ ଏଥିପ୍ରତି ଦୃଷ୍ଟି ନଦେଇ ଜନଗଣନା ପ୍ରଶିକ୍ଷଣରେ ଶିକ୍ଷକମାନେ ଯୋଗଦେବା ପାଇଁ ନିର୍ଦ୍ଦେଶ ଦେଇଥିବା ଚର୍ଚ୍ଚା ହେଉଛି । ତେବେ ଏଠାରେ ପ୍ରଶ୍ନ ଉଠେ ଶିକ୍ଷକମାନେ କେଉଁ କାର୍ଯ୍ୟ ପ୍ରଥମେ କରିବେ । ଛାତ୍ରଛାତ୍ରୀମାନଙ୍କ ଭବିଷ୍ୟତକୁ ଲକ୍ଷ୍ୟରଖି ପରୀକ୍ଷା ଖାତା ଦେଖିବେ ନା ଜନଗଣନା ପ୍ରଶିକ୍ଷଣ ନେବେ । ଏଣୁ ଜିଲ୍ଲାପ୍ରଶାସନ ଏଥିପ୍ରତି ଦୃଷ୍ଟିଦେଇ ଯେଉଁଶିକ୍ଷକମାନେ ପରୀକ୍ଷା ଖାତା ଦେଖୁଛନ୍ତି ସେମାନଙ୍କୁ ପରୀକ୍ଷାଖାତା ଦେଖା ସରିବା ପରେ ଜନଗଣନା ପ୍ରଶିକ୍ଷଣ ଦେବା ପାଇଁ ନିର୍ଦ୍ଦେଶ ଦେବା ପାଇଁ ସର୍ବସାଧାରଣରେ ଦାବି ହେଉଛି । ଏଠାରେ ସୂଚନା ଯୋଗ୍ୟ ଯେ ଆସନ୍ତା ୨ତାରିଖ ସୁଦ୍ଧା ମାଟ୍ରିକ ପରୀକ୍ଷା ଖାତା ଦେଖା କାର୍ଯ୍ୟ ଶେଷ ହେବ ବୋଲି ମାହାଙ୍ଗା ଅଂଚଳର ଜେଡେକ ଶିକ୍ଷକ ନିଜ ନାମ ଗୋପନ ରଖି ପଶ୍ଚିମାଞ୍ଚଳକୁ ସୂଚନା ଦେଇଛନ୍ତି । ଏଣୁ ଜଜକ ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟିଦେବାକୁ ସର୍ବସାଧାରଣରେ ଦାବି ହେଉଛି ।

କୁଲଡିହା ବନ ବିଭାଗ ଦ୍ୱାରା ଗୋଟିଏ କାଠ ବୋଝେଇ ପିକଅପ୍ ସହିତ ୭୮ ସିପ୍ଟ ଶାଳଗଣ୍ଡୀ ଜବତ, ଦୁଇ କୋର୍ଟ ଚାଲାଣ

ନୀଳଗିରି, ୨୨/୦୩ (ଆ.ପ୍ର) : ଓଡ଼ିଶା ସରକାରଙ୍କ ବନ୍ୟ ଆଇନ ୧୯୨୨କୁ ଅବମାନନା କରିଥିବା ବାବୁ ନାୟକ ଏବଂ ଜିତେନ୍ଦ୍ର ମାଝିଙ୍କୁ କୁଲଡ଼ିହା ବନ ବିଭାଗ କାଠ ବୋଝେଇ ପିକଅପ୍ ଗାଡି ସହିତ ୧୯ଟି ଶାଳଗଣ୍ଡୀ (୭୮ ସିପ୍ଟ)କୁ ଜବତ କରିବା ସହିତ ଉଭୟଙ୍କୁ ଓଡ଼ିଶା ବନ୍ୟ ଆଇନ ଧାରା ୧୮କେ ୨୫/୨୬ମାମଲାରେ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡିଛି । ଏହି ବେଆଇନ କାଠଚଣ୍ଡୀ ଚାଲାଣ କରୁଥିବା ବାବୁ ନାୟକ ଓ ଜିତେନ୍ଦ୍ର ମାଝିଙ୍କୁ ୧୯୮୦ ଚୁକ୍ତିଜି ନିୟମ ଏବଂ ସେବନ ୫୬ଲଲଙ୍ଘନ କରୁଥିବା ଅଭିଯୋଗରେ ଗିରଫ କରାଯାଇଛି । ସୂଚନାରୁ ଜଣାଯାଇଛି, ଉକ୍ତ କାଠଚାଡିକୁ ପୋଲିସ ସହାୟତାରେ ବନ ବିଭାଗ ଛତ୍ରପୁର ଠାରେ ଜବତ କରିଛି । ଗୋଟିଏ ପିକଅପ୍ କାଠ ବୋଝେଇ ଗାଡିକୁ ଧରି ବନ ବିଭାଗ ବାଟ ବାଟ ନେଉଥିବା ବେଳେ କୁଲଡ଼ିହା ରେଞ୍ଜ ଅଧିକାରୀଙ୍କ ଗୋଚର ଅବା ଅଗୋଚରରେ ବହୁ କାଠ ଗାଡି ଚୋରାରେ ଯାଉଥିବା ଅଭିଯୋଗ ହୋଇଛି । ଧୀରେ ଧୀରେ ଜଙ୍ଗଲ ଧ୍ୱଂସ ହେବା ସହିତ ବନ୍ୟ ଜନ୍ତୁ ମାନେ ଗାଁ ମୁହାଁ ହେଉଥିବାର ଅଭିଯୋଗ ହେଉଛି । ଅନେକ ସମୟରେ ରେଞ୍ଜ ଅଧିକାରୀ, ଏ ଆଉ ଜେମେରା ନା ଧରି ମିଛ କେଶ କରି ନିରୀହ ଆଦିବାସୀ ମାନଙ୍କୁ ଫସାଉ ଥିବାର ଅନେକ ଥର ଅଭିଯୋଗ ହୋଇଛି । ଏପରିକି ସେମାନଙ୍କୁ ହାଜତ ଭିତରେ ଅମାନୁଷିକ ଭାବେ ମାଡ଼ ମାରି ଅପ୍ରାକୃତିକ ଯୌନ ସଂପର୍କ ରଖିବାକୁ ବାଧ୍ୟ କରୁଥିବାର ଗିରଫ ହୋଇଥିବା ବହୁ ଲୋକ ଅଭିଯୋଗ ଉଠାଇଛନ୍ତି । ଯାହା ଜଣାପଡୁଛି ବର୍ତ୍ତମାନର କୁଲଡ଼ିହା ରେଞ୍ଜରଙ୍କ ପାଇଁ କୁଲଡ଼ିହା ଅଭୟାରଣ୍ୟ ଆଗାମୀ ଦିନରେ ସମ୍ପୂର୍ଣ୍ଣ ଶ୍ରୀହୀନ ହୋଇଯିବ ବୋଲି ପରିବେଶ ପ୍ରେମୀ ବିଶେଷଜ୍ଞ ମାନେ ମତ ପ୍ରକାଶ କରିଥିବା ଆଲୋଚନା ହେଉଥିବା ଶୁଣାଯାଉଛି ।

ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଅନ୍ତର୍ବିଭାଗୀୟ ନବୋନ୍ମେଷ ଓ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତା-୨୦୨୬ ଆୟୋଜିତ

ନୀଳଗିରି, ୨୨/୦୩ (ଆ.ପ୍ର) : ପଟ୍ଟାଗଡୋମ ବିଶ୍ୱବିଦ୍ୟାଳୟରେ ଅନ୍ତର୍ବିଭାଗୀୟ ନବୋନ୍ମେଷ ଓ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତା-୨୦୨୬ ସଫଳତାର ସହ ଅନୁଷ୍ଠିତ ହୋଇଛି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ନବୋନ୍ମେଷ ଓ ଉଦ୍ୟମୀ ମନୋଭାବକୁ ପ୍ରୋତ୍ସାହନ ଦିଆଯାଇଛି । ଏହାକୁ ବିଶ୍ୱବିଦ୍ୟାଳୟର ପ୍ରସ୍ତୁତି ଉଦ୍ୟମ ଇନୋଭେସନ କେନ୍ଦ୍ର (ଏଫ୍.ଏମ୍.ୟୁ-ଟିବିଆଇ) ଦ୍ୱାରା ଓଡ଼ିଶା ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗର ସହଯୋଗରେ ଆୟୋଜନ କରାଯାଇଥିଲା । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଏହି ପ୍ରତିଯୋଗିତା ଆୟୋଜିତ ହୋଇଥିବା ବେଳେ, ଏଫ୍.ଏମ୍.ୟୁ-ଟିବିଆଇର ନିର୍ଦ୍ଦେଶକ ପ୍ରଫେସର ପଙ୍କଜ କୁମାର ପାରହିଙ୍କ ନିରୀକ୍ଷଣରେ ଏବଂ ମୁଖ୍ୟ ପରିଚାଳନା ଅଧିକାରୀ ସୁନେନ୍ଦ୍ର ନାୟକଙ୍କ ସମନ୍ୱୟରେ କାର୍ଯ୍ୟକ୍ରମଟି ସଂପନ୍ନ ହୋଇଥିଲା । ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ନବୀନ ଧାରଣା ଚିହ୍ନଟ କରିବା ଓ ଉଦ୍ୟମୀ ମନୋଭାବକୁ ପ୍ରସାରିତ କରିବା ଉଦ୍ଦେଶ୍ୟରେ ଆୟୋଜିତ ଏହି ପ୍ରତିଯୋଗିତାରେ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗରୁ ଉତ୍ସାହପୂର୍ଣ୍ଣ ଅଂଶଗ୍ରହଣ ଦେଖାଯାଇଥିଲା । ମୋଟ ୪୦ ଜଣ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରି ଏକକ ଓ ସର୍ବାଧିକ ତିନି ସଦସ୍ୟର ଦଳ ଭାବେ ନିଜ ପ୍ରସ୍ତାବ ଗୁଡିକ ଉପସ୍ଥାପନ କରିଥିଲେ । ପ୍ରତ୍ୟେକ ଦଳ ତାଙ୍କର ଧାରଣାକୁ ବିସ୍ତୃତ ଭାବେ ଉପସ୍ଥାପନା ମାଧ୍ୟମରେ ପ୍ରଦର୍ଶନ କରିଥିଲେ ଏବଂ ପରେ ନ୍ୟାୟାଧୀଶମାନଙ୍କ ସହ ଆଲୋଚନା ହୋଇଥିଲା । ମୂଲ୍ୟାୟନ ସମୟରେ ସମସ୍ୟା ଚିହ୍ନଟ, ପ୍ରସ୍ତାବିତ ସମାଧାନ, ନବୋନ୍ମେଷ, କାର୍ଯ୍ୟକ୍ଷମତା, ବ୍ୟବସାୟିକ ସମ୍ଭାବନା ଓ ସାମାଜିକ-ଆର୍ଥିକ ପ୍ରଭାବ ଭଳି ମୁଖ୍ୟ ବିଷୟଗୁଡ଼ିକୁ ଗୁରୁତ୍ୱ ଦିଆଯାଇଥିଲା । ସମସ୍ତ ଅଂଶଗ୍ରହଣକାରୀ ମାନଙ୍କ ମଧ୍ୟରୁ ତିନୋଟି ଉତ୍କୃଷ୍ଟ ଛାତ୍ରଛାତ୍ରୀ ଦଳକୁ ଚୟନ କରାଯାଇ ଆଗାମୀ ବିଶ୍ୱବିଦ୍ୟାଳୟ ସ୍ତରୀୟ ନବୋନ୍ମେଷ ଓ ଷ୍ଟାର୍ଟ-ଅପ୍ ପ୍ରତିଯୋଗିତା-୨୦୨୬ରେ ପ୍ରତିନିଧିତ୍ୱ କରିବାକୁ ଅବସର ଦିଆଯାଇଛି । ଏହି କାର୍ଯ୍ୟକ୍ରମ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସୃଜନଶୀଳତା, ଯୁକ୍ତିସଙ୍ଗତ ଚିନ୍ତନ ଓ ଉଦ୍ୟମୀ କୌଶଳକୁ ଉନ୍ନତ କରିବାରେ ଏକ ମହତ୍ୱପୂର୍ଣ୍ଣ ପରିବେଶ ଭାବେ ପ୍ରମାଣିତ ହୋଇଛି ଏବଂ ନବୋନ୍ମେଷମୂଳକ ଶିକ୍ଷା ପ୍ରତି ଫକୀରମୋହନ ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ ଆହୁରି ସୁଦୃଢ କରିଛି ।

ଚୌଦ୍ୱାରରେ ଜାନକୀ ବାବୁଙ୍କ ଶ୍ରାଦ୍ଧସଭା ପାଇଁ ପ୍ରସ୍ତୁତି ବୈଠକ

ଟାଙ୍ଗୀ ଚୌଦ୍ୱାର, ୨୨/୦୩ (ଆ.ପ୍ର) : ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ଅସମର ପୂର୍ବତନ ରାଜ୍ୟପାଳ, ସାଲବୃତ ସାଧକ ଜନନାୟକ ଜାନକୀ ବଲ୍ଲଭ ପଟନାୟକଙ୍କ ୧୧ତମ ଶ୍ରାଦ୍ଧସଭା ନିମନ୍ତେ ଜାନକୀ ବଲ୍ଲଭ ପଟନାୟକ ସ୍ମୃତି ସଦନ ତରଫରୁ ଦିନ ସେବକ ସଙ୍ଘ ଆଶ୍ରମ ପରିସରରେ ପ୍ରଥମ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସମାଜ ସେବକ ତଥା ସଂସଦର ସଭାପତି ବିଶ୍ୱ କଳ୍ୟାଣ ଦାସ,ସଧାରଣ ସମ୍ପାଦକ କୈଳାସ ଚନ୍ଦ୍ର ସାହାଣୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ, ସଂଯୋଜକ ତଥା ସ୍ତମ୍ଭକାର ଦିବ୍ୟଜ୍ୟୋତି ପାଣି ବୈଠକକୁ ପରିଚାଳନା କରିଥିଲା ବେଳେ ଶେଷରେ ଚୌଦ୍ୱାର ମହିଳା କଂଗ୍ରେସ ସଭାନେତ୍ରୀ ମୋନାଲିସା ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ନେମାଳ ଜିଲ୍ଲାପରିଷଦ ଜୋନରୁ ଦୁଇ ପଞ୍ଚାୟତକୁ ବାଦ୍ ଦେବାକୁ ଦାବି

ନିଷ୍ଠିନ୍ତକୋଇଲି, ୨୨/୦୩ (ଆ.ପ୍ର) : କଟକ ଜିଲ୍ଲା ନିଷ୍ଠିନ୍ତକୋଇଲି ପଞ୍ଚାୟତ ସମିତି ଅଧିନ ଜିଲ୍ଲାପରିଷଦ ଜୋନ୍ ନେମାଳ ୯ଗୋଟି ପଞ୍ଚାୟତକୁ ନେଇ ଗଠିତ । ଏହି ପଞ୍ଚାୟତଗୁଡ଼ିକ ହେଲା ନେମାଳ, ସାଙ୍ଗପୁର, ଜନାର୍ଦ୍ଦନପୁର, ପାନଦା, ତିକଣଣ, କଳମିଶ୍ରି, କଣ୍ଟୁପୁର ଓ କୋଲଣପୁର, କେନ୍ଦୁପାଟଣା ଗ୍ରାମ ପଞ୍ଚାୟତ । ୯ଗୋଟି ପଞ୍ଚାୟତ ମଧ୍ୟରୁ ୭ଗୋଟି ପଞ୍ଚାୟତ ନିଷ୍ଠିନ୍ତକୋଇଲି ପଞ୍ଚାୟତ ସମିତି ଅଧିନରେ ଥିବା ବେଳେ କଟକସଦର ବିଧାନସଭା କ୍ଷେତ୍ର ଓ କଟକ ସଂସଦୀୟ କ୍ଷେତ୍ର ଅନ୍ତର୍ଭୁକ୍ତ । ଅନ୍ୟ ଦୁଇଗୋଟି ପଞ୍ଚାୟତ କେନ୍ଦୁପାଟଣା ଓ କୋଲଣପୁର ନିଷ୍ଠିନ୍ତକୋଇଲି ପଞ୍ଚାୟତ ସମିତି ଅଧିନରେ ଥିଲେ ମଧ୍ୟ ଏହି ଦୁଇଗୋଟି ପଞ୍ଚାୟତ ମାହାଙ୍ଗା ବିଧାନସଭା କ୍ଷେତ୍ର ଓ କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ର ଅନ୍ତର୍ଭୁକ୍ତ ଅଟେ । ଦୁଇଗୋଟି ନିର୍ବାଚନ ମଣ୍ଡଳୀର ପଞ୍ଚାୟତଗୁଡ଼ିକୁ ନିଜି ଏହି ଜିଲ୍ଲାପରିଷଦ ଜୋନ୍ ଗଠନ ହୋଇଥିବାରୁ ବିଭିନ୍ନ ରାଜନୈତିକ ଦଳର ଦଳୀୟ ସଂଗଠନିକ କାର୍ଯ୍ୟ ଲାଗିବାରେ ଅସୁବିଧା ଉପୁଜୁଥିବା ବେଳେ ଜିଲ୍ଲାପରିଷଦ ସଭ୍ୟ ନିର୍ବାଚନ ପାଇଁ ହେଉଥିବା ନିର୍ବାଚନରେ ସରର ନିର୍ବାଚନ ମଣ୍ଡଳୀ ଅଧିନରେ ଥିବା ୭ଗୋଟି ପଞ୍ଚାୟତରୁ ବିଭିନ୍ନ ରାଜନୈତିକ ଦଳରୁ ଜିଲ୍ଲାପରିଷଦ ପ୍ରାର୍ଥୀ ହେଉଥିବା ବ୍ୟକ୍ତି ଜିଲ୍ଲାପରିଷଦ ସଭ୍ୟ ଭାବେ ନିର୍ବାଚିତ ହେଉଛନ୍ତି । ଜିଲ୍ଲାପରିଷଦ ସଭ୍ୟ ପାଇଁ ଯେବେଠାରୁ ନିର୍ବାଚନ ହେଲାଣି ନିର୍ବାଚିତ ହେଉଥିବା ଜିଲ୍ଲାପରିଷଦ ସଭ୍ୟ ସଭ୍ୟ ସଦର ନିର୍ବାଚନ ମଣ୍ଡଳୀର ୭ଗୋଟି ପଞ୍ଚାୟତରୁ ନିର୍ବାଚିତ ହେଉଛନ୍ତି । ଏହି ଜୋନ୍ ରେ ଥିବା ଅନ୍ୟ ଦ

ସମ୍ବାଦକ
ଆରମ୍ଭ
SEITHO ARAMBHA
ସୋମବାର, ୨୩ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୪

ଅନ୍ୟକୁ ଦୁଃଖ ଦେଇ ଯେଉଁ ସୁଖ ଲାଭ କରାଯାଏ, ସେ ସୁଖ ଆଦୌ ଲୋଡ଼ା ନୁହେଁ
- ବୁଦ୍ଧଦେବ

ସମ୍ପାଦକୀୟ...

ସଂସ୍କାରରୁ ଶୁଦ୍ଧିକରଣ

ମନୁଷ୍ୟ ଜୀବନରେ ସଂସ୍କାରର ବଡ଼ ମହତ୍ତ୍ୱ ରହିଥାଏ । ସଂସ୍କାରର ମୂଳ ଅର୍ଥ ସୁଦ୍ଧିକରଣ ବା ପରିମାର୍ଜନ ଅଟେ । ଏବଂ ଏହି ସଂସ୍କାର ଦ୍ୱାରା ହିଁ ମନୁଷ୍ୟ ନିଜର ସହଜ ପ୍ରବୃତ୍ତି ଗୁଡ଼ିକର ପୂର୍ଣ୍ଣ ବିକାଶ କରି ନିଜର ଏବଂ ସମାଜର ଉଭୟର କଲ୍ୟାଣ କରିଥାଏ । ଏହି ସଂସ୍କାର ହିଁ ମନୁଷ୍ୟର ପ୍ରକୃତ ସୁଦ୍ଧିକରଣ କରିଥାଏ ଏବଂ ମନୁଷ୍ୟ ଜୀବନକୁ ପରିଚାଳନା କରିଥାଏ । ଯେଉଁ ସୁଦ୍ଧିକରଣ ଦ୍ୱାରା ମନୁଷ୍ୟର ଶରୀର, ମନ ଓ ମସ୍ତିଷ୍କ ବଳବାନ୍ ହୋଇ ସେ ସମାଜରେ ନିଜର ଭୂମିକା ଆଦର୍ଶର ସହ ପାଳନ କରିପାରିଥାଏ । ଆମର କଥା , ବାର୍ତ୍ତା , ବ୍ୟବହାର ଏବଂ ଆଚରଣରେ ହିଁ ଆମ ସଂସ୍କାର ଲୁଚି ରହିଥାଏ । ଯାହାକି ଆମକୁ ସମାଜରେ ପୂର୍ଣ୍ଣତା ଅର୍ଥାତ୍ ପୂର୍ଣ୍ଣ ସଦ୍ୟବହାର ପ୍ରାପ୍ତି କରାଇଥାଏ । ଆମ ହିନ୍ଦୁ ଧର୍ମର ସଂସ୍କୃତି ଏହି ସଂସ୍କାର ଉପରେ ହିଁ ଆଧାରିତ ଅଟେ । ଆମ ଗର୍ଭ – ମୃତି ମାନେ ମନୁଷ୍ୟ ଜୀବନକୁ ପରିମାର୍ଜିତ ଅର୍ଥାତ୍ ପବିତ୍ର କରିବା ପାଇଁ ହିଁ ଏହି ସଂସ୍କାରର ଆବିଷ୍କାର କରିଥିଲେ । ଆମ ଭାରତୀୟ ସଂସ୍କୃତିର ମହାନତା ଏହି ସଂସ୍କାରରୁ ହିଁ ସମ୍ଭବତ ହୋଇଥାଏ । ବେଦ ସ୍ମୃତିରେ ଷୋଳଟି ସଂସ୍କାରର ବର୍ଣ୍ଣନା କରାଯାଇଅଛି । ଏବଂ ଆମ ଧର୍ମ ସଂସ୍କୃତିରେ ମଧ୍ୟ ମୁଖ୍ୟ ରୂପରେ ଏହି ଶୋଳ ଗୋଟି ସଂସ୍କାରର ବର୍ଣ୍ଣନା କରାଯାଇଅଛି । ଯଥା :- ଗର୍ଭାଧାନ ସଂସ୍କାର, ଫୁଂଶନ ସଂସ୍କାର, ଶିମନ୍ତୋନୟନ ସଂସ୍କାର, ଜାତକର୍ମ ସଂସ୍କାର, ନାମକରଣ ସଂସ୍କାର, ନିଷ୍କ୍ରମ ସଂସ୍କାର, ଅନ୍ନପ୍ରାସନ ସଂସ୍କାର, ପୁଷ୍ପନ୍ ସଂସ୍କାର, କର୍ଣ୍ଣବେଧନ ସଂସ୍କାର, ବିଦ୍ୟାରମ୍ଭ ସଂସ୍କାର, ଉପନୟନ ସଂସ୍କାର, ବେଦାରମ୍ଭ ସଂସ୍କାର, ଗେଶାନ୍ତ ସଂସ୍କାର, ସମାର୍ତ୍ତନ ସଂସ୍କାର, ବିବାହ ସଂସ୍କାର ଓ ଅନ୍ତ୍ୟେଷ୍ଟି ସଂସ୍କାର ଇତ୍ୟାଦି । ଆମ ଦେଶର ମହାନ୍ ସଂସ୍କୃତି ଏକ ପ୍ରକାର ଏହି ସଂସ୍କାରର ହିଁ ଅଟେ । ଯାହା ପ୍ରତ୍ୟେକ ବ୍ୟକ୍ତିର ଜୀବନରେ ବଡ଼ ମହତ୍ତ୍ୱ ରହିଥାଏ । ଏହି ସଂସ୍କାରର ହିଁ ଜୀବନର ଆକୃଷଣ ହୋଇଥାଏ ଯାହା ବ୍ୟକ୍ତିର ମୂଲ୍ୟ ଏବଂ ସମ୍ମାନ କୁ ବହୁତ୍ ମାତ୍ରାରେ ବଢ଼ାଇ ଥାଏ । ଯେଉଁଠି ସୁନାକୁ ଆମେ ଯେତେ ନିଆଁରେ ପକାଇବା ସେ ସେତେ ଅଧିକ ଚିକ୍ ମିକ କରିବ, ଠିକ୍ ସେହିପରି ଜଣେ ବ୍ୟକ୍ତି ମଧ୍ୟ ଯେତେ ପରିମାର୍ଜିତ ଅର୍ଥାତ୍ ସଂସ୍କାରି ହେବ ସେ ସେତେ ଅଧିକ ସମାଜରେ ସଫଳ ଏବଂ ସମ୍ମାନିତ ହେବ । ଗୋଟିଏ ଶିଶୁର ମନ ଉପରେ ବଡ଼ ମାନଙ୍କ ଦ୍ୱାରା ହେଉଥିବା ସମସ୍ତ କଥା, ବାର୍ତ୍ତା ଏବଂ କାର୍ଯ୍ୟର ବହୁତ୍ ବଡ଼ ପ୍ରଭାବ ପଡ଼ିଥାଏ । ଗୋଟିଏ ଛୋଟ ପିଲା ଅର୍ଥାତ୍ ଶିଶୁ ଯାହା ଦେଖିବା, ଶୁଣିବ ଅନୁମାନାନ୍ତ ପାରୁ ସେ ସବୁ ହିଁ ତାହାର ସଂସ୍କାର ପାଲଟି ଯାଇଥାଏ । ଜୀବନର ପ୍ରାରମ୍ଭିକ ଦିନ ମାନଙ୍କରେ ଯେଉଁ ସଂସ୍କାର ଗୁଡ଼ିକ ଲାଗି ଯାଇଥାଏ ତାହା ହିଁ ପରବର୍ତ୍ତୀ ସମୟରେ ତାର ପ୍ରକୃତ ଜୀବନ ପାଲଟି ଯାଇଥାଏ । ଆମେ ଯଦି ପ୍ରାଚୀନ କାଳ ଅଥବା ଇତିହାସ କୁ ଦେଖିବା ତାହେଲେ ବହୁତ୍ ଗୁଡ଼ିଏ ଉଦାହରଣ ଆମକୁ ମିଳିବ ଯେଉଁ ମାନେ ନି ନିଜ ଜୀବନର ଆରମ୍ଭରେ ହିଁ ନିଜ ପିତା,ମାତା ଅଥବା ନିଜ ଗୁରୁଜନ ମାନଙ୍କର ବ୍ୟବହାର ଓ ଆଚରଣରେ ହିଁ ପ୍ରଭାବିତ ହୋଇ ନିଜକୁ ଏକ ସଂସ୍କାରବାନ୍ ଜରାଇ ବହୁତ୍ ପ୍ରତିଷ୍ଠିତ ହୋଇପାରିଛନ୍ତି ଏବଂ ନାଁ କମାଇ ପାରିଛନ୍ତି । ବ୍ୟକ୍ତିର ଚରିତ୍ର ଏହି ସଂସ୍କାରରୁ ହିଁ ପରିମାର୍ଜିତ ହୋଇପାରିଥାଏ । ଯେଉଁ ବ୍ୟକ୍ତିର ସଂସ୍କାର ଯେତେ ଅଧିକ ଭଲ ହୋଇଥାଏ, ସେ ବ୍ୟକ୍ତିର ଚରିତ୍ର ମଧ୍ୟ ସେତେ ଅଧିକ ଭଲ ହୋଇଥାଏ । ଏବଂ ଯେଉଁ ବ୍ୟକ୍ତିର ସଂସ୍କାର ଯେତେ ଅଧିକ ଖରାପ ହୋଇଥାଏ, ସେ ବ୍ୟକ୍ତିର ସଂସ୍କାର ମଧ୍ୟ ସେତେ ଅଧିକ ହିନ ହୋଇଥାଏ । ଶିକ୍ଷା ଠାରୁ ମଧ୍ୟ ସଂସ୍କାର ଅଧିକ ମହତ୍ତ୍ୱ ରହିଅଛି । କାରଣ ଜଣେ ବ୍ୟକ୍ତି କେବଳ ଯେ ପାଠ ପଢ଼ି ଶିକ୍ଷିତ ହୋଇଗଲେ ଯେ ସେ ସଂସ୍କାରି ହୋଇଥାଏ ତାହା ନୁହେଁ, ଜଣେ ଅପାଢ଼ୁଆ ବ୍ୟକ୍ତି ମଧ୍ୟ ଉତ୍ତମ ସଂସ୍କାରର ହୋଇପାରିବ । ଏବଂ ଜଣେ ବ୍ୟକ୍ତିର ସଂସ୍କାରରୁ ହିଁ ସେ ବ୍ୟକ୍ତିର ପରିବାର ଏବଂ ପରିବେଶ ଜଣା ପଡ଼ି ଯାଇଥାଏ । ସେଥି ଲାଗି ପ୍ରତ୍ୟେକ ବ୍ୟକ୍ତି ନିଜାତି ଭାବେ ଶଂସ୍କାରି ହେବା ଉଚିତ୍ ।

ଜିଭ ରଙ୍ଗରୁ ବାରିହେବ ରୋଗ

॥ ନାରାୟଣ ଚନ୍ଦ୍ର ବିଶ୍ୱାଳ ॥

ଆମ ଶରୀରର ସମସ୍ତ ଖାଦ୍ୟର ସ୍ୱାଦ ଜିଭରୁ ଜଣାପଡ଼ିଥାଏ । ଶାରୀରିକ ଗଠନରେ ଜିଭର ଭୂମିକା ଓ ଶରୀରର ଦୈନନ୍ଦିନ ଜୀବନ ଚର୍ଯ୍ୟାରେ ଅତୀବ ଗୁରୁ ଦାୟିତ୍ୱ ନିର୍ବାହ କରିଥାଏ । ଜଣଙ୍କର ଜିଭ ନଥିଲେ ଖାଦ୍ୟର ସ୍ୱାଦ ବାରିବା ତ ଦୂରର କଥା ସେ ଜଣେ ମୂକ ଭାବେ ସମାଜରେ ପ୍ରତୀୟମାନ ହୋଇଥାଏ । କଥା କହିବାର ଶକ୍ତି ସେ ହରାଇଥାଏ । ତେବେ ଜିଭର ରଙ୍ଗରୁ କିପରି ବିଭିନ୍ନ ରୋଗ ବାରି ହେବ ଆସନ୍ତୁ ସେ ସମ୍ପର୍କରେ ଛୋଟିଆ ଆଲୋଚନାଟି ଭରେରେ ଆଲୋଚନାପାଇ କରିବା ।

ବିଭିନ୍ନ ସଂଜ୍ଞାମତରୁ ଜିଭ ଧଳା ତଥା ଶ୍ୱେତ ଦିଶିଥାଏ । ନଚେତ ଲ୍ୟୁକୋପ୍ଲାକିୟାରେ ମଧ୍ୟ ଜିଭର ରଙ୍ଗ ଧଳା ଦେଖାଯାଏ । ମୁଖ୍ୟତଃ ଛୋଟ ପିଲା ତଥା ବୟସ୍କଙ୍କ ଠାରେ ଏହି ସମସ୍ୟା ଅଧିକ ଦେଖିବାକୁ ମିଳେ । ଧଳା ରଙ୍ଗର ଜିଭ ଡିହାଇଡ୍ରେସନ ସମସ୍ୟାକୁ ବର୍ଣ୍ଣାଇଥାଏ ।

ଜିଭର ରଙ୍ଗ କଳା ଦେଖାଯିବା ଗଳା ସଂକୁମଣ କିମ୍ବା ଜୀବାଣୁର ସଙ୍କେତ ଦେଇଥାଏ । ମାତ୍ରାଧିକ ଔଷଧ ସେବନ, ଅଧିକ କେରାଟିନଯୁକ୍ତ ଜିଭର ରଙ୍ଗ କଳା ମଧ୍ୟ ହୋଇଯାଏ । ମଧୁମେହ ରୋଗୀ, କର୍କଟ ରୋଗ କିମ୍ବା ପେଟରେ ଘା' ହେଲେ ମଧ୍ୟ ଜିଭ କଳା ରଙ୍ଗ ହୁଏ । ସେହିପରି ଜିଭ ହଳଦିଆ ରଙ୍ଗ ଦେଖାଗଲେ, ଏହା କାମଳ ରୋଗକୁ ସୂଚାଏ । ସର୍ବଦା ଡାକ୍ତରଙ୍କ ପରାମର୍ଶ ନେଇ ଜିଭ ରଙ୍ଗ ଅନୁସାରେ ଚିକିତ୍ସା କରିବା ନିହାତି ଜରୁରୀ ।

ଜିଭ ଲାଲ ହେବା ଭାଇରାଲ ରୋଗ, ଭିଟାମିନ ଅଭାବ କିମ୍ବା ଏଲର୍ଜିର ସଙ୍କେତ ଦେଇଥାଏ । ପିଲାଙ୍କୁ ଜ୍ୱର ଥିଲେ ମଧ୍ୟ ଜିଭ ଲାଲ ରଙ୍ଗ ହୋଇଥାଏ । ନୀଳ ରଙ୍ଗ ଜିଭକୁ ସବୁଠୁ ଅଧିକ ବିପଦଜନକ କୁହାଯାଏ । କାରଣ ଜିଭ ନୀଳ ରଙ୍ଗ ହେବା ହୃତ ସମସ୍ୟାର ସଙ୍କେତ ଦିଏ । ହୃଦପିଣ୍ଡରେ ରକ୍ତ ସଂଚାଳନ ଧୀର ହେଲେ ତଥା ଶରୀରରେ କମ ଅମ୍ଳଜାନ ଯୋଗୁଁ ଜିଭ ରଙ୍ଗ ନୀଳ ଦେଖାଯାଏ । ତେଣୁ ହୃଦଜନିତ ଏକ ଗମ୍ଭୀର ସମସ୍ୟା ହୋଇଥିବାରୁ ଏଥିପ୍ରତି ସତର୍କ ରହିବା ଆବଶ୍ୟକ ।

ଯଦି ଜିଭ ରଙ୍ଗ ଫିକା କିମ୍ବା ହାଲୁକା ଗୋଲାପି ରଙ୍ଗ ଦେଖାଯାଏ, ରକ୍ତର ଅଭାବରୁ ଏହା ସଙ୍କେତ ଦିଏ । ଫଳରେ ରକ୍ତହୀନତା, ଭିଟାମିନ ବି-୧୨ର ଅଭାବ ପରିଲକ୍ଷିତ ହୁଏ । ଏହା ସହ ହଜମଜନିତ ସମସ୍ୟା ଥିଲେ ମଧ୍ୟ ଏହି ରଙ୍ଗ ଦେଖାଯାଏ ।

ଫିକା ଗୋଲାପି ତଥା କୌଣସି ଦାଗ ନଥିବା ଜିଭ ହିଁ ସୁସ୍ଥତାକୁ ସୂଚାଏ । ପ୍ରତିଦିନ ନିୟମିତ ଜିଭ ପରିଷ୍କାର କରିବୁ ଏବଂ ଜିଭ ସହି ପାଉଥିବାରୁ ଅତ୍ୟଧିକ ଥଣ୍ଡା କା ଗରମ ଖାଦ୍ୟ ବା ପାନୀୟ ଗ୍ରହଣ ନକରିବା ଭଲ । ଜିଭରେ କୌଣସି କ୍ଷତ ହେଲେ ଏହା ପରବର୍ତ୍ତୀ ସମୟ ପାଇଁ ବଡ଼ ଅସୁବିଧା ଜନକ ସାବ୍ୟସ୍ତ ହୋଇଥାଏ । ଖାଦ୍ୟ ଖାଇବା ପରେ ବା ଯେ କୌଣସି ପାନୀୟ ଗ୍ରହଣ କରିବା ପରେ ଜିଭକୁ ଭଲ ଭାବେ ପରିଷ୍କାର ରଖନ୍ତୁ ।

ବାଙ୍କ୍ ଶ୍ରବଣ ବିଶେଷଜ୍ଞ, 'ଧ୍ୱନି' କାଠଗୋଲାରୋଡ୍, ମାଙ୍ଗଳାବାଗ, କଟକ, ଦୂରଭାଷ : ୯୪୩୮୨୬୬୬୦

'ସ୍ୱରାଜ ଆଶ୍ରମ'ର ଚରଖା ଓ ପ୍ରାକୃତିକ ସମ୍ପଦର ସୁରକ୍ଷା

॥ କବୀର କୁମାର ଜେନା ॥

ଦିନେ ଇଂରେଜମାନଙ୍କ ପାଇଁ ଆହ୍ୱାନ ସୃଷ୍ଟି କରିଥିଲା ଚରଖା । ଚରଖା ବୁଣିଥିଲା ସ୍ୱଦେଶର ବାଳ । 'ଜୁତି ଖଣ୍ଡ, କାଟି ପିନ୍ଧ' ଥିଲା ରାଷ୍ଟ୍ରପିତା ମହାତ୍ମା ଗାନ୍ଧୀଙ୍କର ଆହ୍ୱାନ । ଏଥିପାଇଁ ସ୍ୱାଧୀନତା ଆନ୍ଦୋଳନ ସହ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତିଙ୍କର ପ୍ରିୟ ଅସ୍ତ୍ର ଥିଲା ଏହି ଚରଖା । ଏହି ଆଧାରରେ ଜନଗଣେ ସ୍ୱାଧୀନତା ସଂଗ୍ରାମର ଏକୁଟିଶାଳ କୁହାଯାଇଥିବା ସ୍ୱରାଜ ଆଶ୍ରମରେ ଦିନେ ଚରଖା ଚାଲୁଥିଲା । ତେବେ ସମୟକ୍ରମେ ସ୍ୱରାଜ ଆଶ୍ରମରେ ଚରଖା ବନ୍ଦ ହୋଇଯାଇଥିଲା । ଦୀର୍ଘ ଦିନ ପରେ ଏବେ ପୁଣି ସ୍ୱରାଜ ଆଶ୍ରମରୁ ଶୁଭିବ ଚରଖାର ଶବ୍ଦ ।

ଗାନ୍ଧିଜୀଙ୍କ ତିରୋଧାନ ଦିବସରେ ସ୍ୱରାଜ ଆଶ୍ରମରେ ଖୋଲିଛି ଚରଖା କେନ୍ଦ୍ର । ସ୍ୱରାଜ ଆଶ୍ରମରେ ଚରଖାର ଶବ୍ଦକୁ ଫେରାଇ ଆଣିବା ପାଇଁ କଟକ ଜିଲ୍ଲା ପ୍ରଶାସନ ପକ୍ଷରୁ ଏହି ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି । ବାଙ୍କୁଡ଼ ରାଜ୍ୟ ଗୁଳୁରାଟର ଅନ୍ତର୍ଦ୍ଦାବାଦରୁ ୧ ୨ଟି ସ୍ୱତନ୍ତ୍ର ଚରଖା ଅଣାଯାଇଛି । ଏଥି ସହ ମଧ୍ୟପ୍ରଦେଶର ସିଓନର ଗ୍ରିନ ଖଦି ଗ୍ରାମ୍ୟ ଏବଂ ଶିଳ୍ପ କମିସନରୁ ୧୦ କୁଇଂଟାଲ ରୋଲଟିଂ ସୁତା ବା ତୁନା ଅଣାଯାଇଛି । ଏଥିରୁ ସୁତା ଉତ୍ପାଦନ କରାଯିବା ସହ ଖଦି ମଧ୍ୟ ଉତ୍ପାଦନ କରାଯିବ । ଏଥିପାଇଁ ବର୍ତ୍ତମାନ ଜେଲ୍ଲୁପାଣ୍ଡାଲ ଚିତ୍ରୋତ୍ପଳା ଖଦି ଗ୍ରାମୋଦ୍ୟୋଗକୁ ଦାୟିତ୍ୱ ଦିଆଯାଇଛି । ଏହି ସଂସ୍ଥା କରିଆରେ ସୁତା ସାଜିକୁ ଖଦି ମଧ୍ୟ ପ୍ରସ୍ତୁତ କରାଯିବ । ଅପରପକ୍ଷରେ ଯେଉଁମାନେ ଚରଖା ଚଳାଇବାକୁ ଆଗ୍ରହୀ ବା ଖଦି ଉତ୍ପାଦନ କାର୍ଯ୍ୟ ଶିଖିବା ପାଇଁ ଆଗ୍ରହୀ ସେମାନଙ୍କୁ ମଧ୍ୟ ତାଲିମ ଦେବାର ବ୍ୟବସ୍ଥା ରହିଛି । ଏପରି ଏକ ସୁରଣୀୟ କାର୍ଯ୍ୟକ୍ରମ ହେଲେ ସ୍ୱରାଜ ଆଶ୍ରମ ପୁଣିଥରେ ଚଳଚଞ୍ଚଳ ହୋଇ ଉଠିବ । ଏହା ମଧ୍ୟରୁ ପୁଣିଥରେ ଚରଖାର ଘର ଘର ଶବ୍ଦ ଶୁଭିବ । ଏଠାରେ ଚରଖାରୁ କଟା ଯାଉଥିବା ସୂତା କେବଳ ବସ୍ତ୍ର ତିଆରି କରିବାରେ ସାହାଯ୍ୟ କରିବନି, ବରଂ ବାଙ୍କୁଡ଼ ଅଞ୍ଚଳର ସଭିଙ୍କୁ ଏକତାର ସୂତ୍ରରେ ବାନ୍ଧି ଦେବ । ସେହିପରି ଗାନ୍ଧିଜୀଙ୍କ ବାର୍ତ୍ତାକୁ ସୁରଣୀୟ କରି ଓଡ଼ିଶାରେ ପ୍ରାକୃତିକ ସମ୍ପଦର ସୁରକ୍ଷା ପାଇଁ ଗତ ଫେବୃଆରୀ ପଚିଶ ତାରିଖରୁ ଭଳନ୍ତ ଗୌରବ ମଧୁସୂଦନ ଦାସଙ୍କ ଜନ୍ମପାଠ ସତ୍ୟଭାମାପୁରରୁ ବାହାରିଥିବା ଲୋକ ଅଧିକାର ଯାତ୍ରା ଆଗାମୀ ମାର୍ଚ୍ଚ ତେରଖ ତାରିଖରେ କଟକରାଜବସ୍ତିସ୍ଥ ଗାନ୍ଧୀ ଭବନ ପରିସରରେ ଉଦଯାପିତ ହେବ । ଗ୍ରାମ କୋବେଳ ବିକେତା ପ୍ରଫୁଲ୍ଲ ସାମନ୍ତରାୟ ନେତୃତ୍ୱରେ ବାହାରିଥିବା ଏହି ଅଭିଯାତ୍ରୀ ଦଳଙ୍କୁ ହଜାର ବର୍ଷର ସହର କଟକବାସୀଙ୍କ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ଦେବା ସହ ରାଜ୍ୟର ପ୍ରାକୃତିକ ସମ୍ବଳର ପ୍ରତି ବାବଦରେ ଚର୍ଚ୍ଚା ଆଲୋଚନାର କାର୍ଯ୍ୟକ୍ରମ ରହିଛି । ସାମାଜିକ କର୍ମୀ ତଥା ଗାନ୍ଧୀ ଚିନ୍ତନର ଅନୁରାଗୀ ମନୋରଞ୍ଜନ ମହାନ୍ତି, ସତ୍ୟ ରାୟ, ବିଚାରଜ୍ଞନ ମହାନ୍ତି, କିଶୋର ଜେନା, ବିଶ୍ୱାବସୁ ଦାସ, ରବି ନାରାୟଣ ମଲ୍ଲିକ, ପ୍ରଶାନ୍ତ ଜେନା, ଶ୍ରୀରୋଦ ରାଉତ, ଜୟନ୍ତ କୁମାର ଦାସ, ଆଇନଜୀବୀ କବୀର କୁମାର ଜେନା, ସମ୍ବଲ ପରିଡା, ଖରେଶ୍ୱର ସେଠୀ, ସହିଦର ସେନ, ପ୍ରବନ୍ଧ ମହାପାତ୍ର, ଅନିମା ରାୟ ପ୍ରମୁଖ ନିବେଦନ କରିଛନ୍ତି । ଓଡ଼ିଶା ହେଉଛି ସମଗ୍ର ଭାରତରେ ଏପରି ଏକ ପ୍ରାକୃତିକ ବିଭବ ଓ ଖଣିଜଭରା ସମ୍ପଦରେ ପରିପୂର୍ଣ୍ଣ ରାଜ୍ୟ ଯେଉଁଠି ପ୍ରଚୁର ପ୍ରକୃତିଗତ ସମ୍ପତ୍ତି ଥାଇ ମଧ୍ୟ ଅଧିକାଂଶ ବିଶେଷକରି ଜନଜାତିମାନେ ଏବେ ବି ଦେବେନ ଦାରିଦ୍ର୍ୟ ସୀମାରେଖା ତଳେ ନୁହେଁ ବରଂ ସର୍ବନିମ୍ନ ଅଧିକାର, ହକ୍‌ରୁ ପ୍ରାପ୍ତାରୁ ବଂଚିତ ହେଉଛନ୍ତି ।

ସୂଚନା ଥାଉକି, ସ୍ୱରାଜ ଆଶ୍ରମରେ ପ୍ରଥମେ ୧୯୨୧ ମସିହା ମାର୍ଚ୍ଚ ୨୩ ତାରିଖରେ ବାପୁ ପାଦ ଦେଇଥିଲେ । ୨୩ ଏବଂ ୨୪ ରୁଲ ଦିନ ସେ ପତ୍ନୀ କସ୍ତୁରବା ଏବଂ ପୁତ୍ର ଦେବଦାସଙ୍କ ସହ ଏଠାରେ ରହିଥିଲେ । ପୁଣି ୧୯୨୫ ମସିହାରେ ଭଳନ୍ତ ଗୌରବ ମଧୁସୂଦନ ଦାସଙ୍କ ନିମନ୍ତ୍ରଣ କ୍ରମେ ଓଡ଼ିଶା ଆସିଥିବା ବେଳେ ଏହି ଆଶ୍ରମରେ ପୁଣି ଗୋଟିଏ ରାତି କଟାଇଥିଲେ । ସେହି ସମୟରେ ଏହି ଆଶ୍ରମରେ ବାପୁଙ୍କ ହାତରେ ଖଦି ପ୍ରଦର୍ଶନୀର ଉଦଘାଟନ ହୋଇଥିଲା । ଏହି ଆଶ୍ରମ ଭଳନ୍ତ ପ୍ରବେଶ କଂଗ୍ରେସ କମିଟିର କାର୍ଯ୍ୟାଳୟ ଥିଲା । ଏହି ଆଶ୍ରମରେ କେବଳ ବାପୁ ନୁହଁନ୍ତି, ମୋତିଲାଲ ନେହେରୁ, ଜବାହାରଲାଲ ନେହେରୁ, ଡ.ରାଜେନ୍ଦ୍ର ପ୍ରସାଦ ଏବଂ ଆହୁରି ଅନେକ ରାଷ୍ଟ୍ରନେତା ଅନେକ ସମୟ କଟାଇଛନ୍ତି । ଏହି ଆଶ୍ରମ ଥିଲା ଓଡ଼ିଶାର ଦୁଇ ଅଦ୍ୱିତୀୟ ବରପୁତ୍ର ଗୋପବନ୍ଧୁ ଚୌଧୁରୀ ଏବଂ ନବକୃଷ୍ଣ ଚୌଧୁରୀଙ୍କ କର୍ମଭୂମି । ଏହି ଆଶ୍ରମରେ ଚରଖା ପ୍ରାପ୍ତ ପାଇବା ପରେ ଲୋକେ ଚରଖାକୁ ଏଠାରେ ଦେଖିବାର ସୁଯୋଗ ପାଇବେ । ଓଡ଼ିଶାରେ ଗାନ୍ଧିଜୀଙ୍କ ସ୍ମୃତି ଅନେକ ରହିଛି । ଜାତିର ପିତା ସମ୍ମାନ୍ତ ପ୍ରିୟ ବାଙ୍କୁଡ଼ା ଓଡ଼ିଶା ଅନେକଥର ଆଗମନ କରି ସ୍ୱାଧୀନତା ସଂଗ୍ରାମୀ ମାନଙ୍କୁ ପ୍ରେରଣା ପ୍ରଦାନ କରୁଥିଲେ ।

ଆଜନକଜଙ୍ଗା, ଓଡ଼ିଶା ହାଇକୋର୍ଟ, କଟକ
ଦୂରଭାଷ : ୮୯୧୭୩୭୭୯୮୭

ଓଜନ ଗୋଟିଏ କିଲୋ, କାମ କିନ୍ତୁ ଅନେକ

॥ ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର ॥

ଆମ ଶରୀରର ସବୁଠାରୁ ବଡ଼ ଗ୍ରନ୍ଥି ହେଉଛି ଯକୃତ ଯାହାର ପ୍ରମୁଖ କାର୍ଯ୍ୟ ହେଉଛି ପିତ ଉତ୍ପାଦନ, ମେଟାବଲିଜମ୍ ଓ ବିଷାକ୍ତ ପଦାର୍ଥ ନିଷ୍କାସନ । ଏମିତିରେ କହିଲେ ଯକୃତ ଅସୁସ୍ଥ ହେବାର ଅନେକ କାରଣ ରହିଛି । ଆମ ଶରୀରରେ ଚର୍ମ ପରେ ଯକୃତ ବା ଲିଭର ହେଉଛି ଦ୍ୱିତୀୟ ବୃହତମ ଅଙ୍ଗ । ଜଣେ ସୋଜ ବ୍ୟକ୍ତିଙ୍କ ଯକୃତର ଓଜନ ୧.୩୫ରୁ ୧.୫ କିଲୋଗ୍ରାମ । ଏହା ମଧ୍ୟ ଛବ ତଳକୁ ପେଟର ଡାହାଣ ପାର୍ଶ୍ୱ ଜପର ଭାଗରେ ଥାଏ । ଏହା ବୁଢିଟି ବୁଢ଼ାଙ୍ଗିରେ ବିଭକ୍ତ । ଡାହାଣ ପଟ ବୁଢ଼ାଙ୍ଗିଟି ବଡ଼ ଓ ବାମପଟଟି ଛୋଟ । ଅନେକ ହୁଏତ ଜାଣି ନାହାଁନ୍ତି ଏଥିରେ ଆହୁରି ବୁଢିଟି ଛୋଟ ଛୋଟ କ୍ଷୁଦ୍ର ବୁଢ଼ିଟି ରହିଛି । ଯାହାର ନାମ ହେଉଛି 'ବ୍ୟାଡ୍ରେଟ' ଓ 'କାଲେଡେଟ୍' । ଆମ ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗ ନିଜେ ନିଜ କାମ କରୁଥିବାବେଳେ କେବଳ ଯକୃତ ଏମିତି ଯେ ଗୁରୁତ୍ୱପୂର୍ଣ୍ଣ ତାକୁ ପାଖାପାଖି ୫୦୦ରୁ ଊର୍ଦ୍ଧ୍ୱ କାର୍ଯ୍ୟ ନିୟମିତ ଓ ନିରନ୍ତର ଭାବେ ନିର୍ବାହ କରିବାକୁ ପଡ଼ିଥାଏ ।

ଆମ ଶରୀରରେ ଯକୃତର ସବୁଠାରୁ ବଡ଼ କାର୍ଯ୍ୟ ହେଉଛି ଏହା ହଜମ ଓ ଚର୍ବି ବିଶ୍ଳେଷଣ କରିବା ସହ ଏହା ମଧ୍ୟ ପିତ ଉତ୍ପାଦନ କରିଥାଏ । ଶରୀର ପାଇଁ ବଳକାଳକ ଓ ଶକ୍ତି କାରକ କୁହାଯାଇଥିବା ଗୁରୁତ୍ୱପୂର୍ଣ୍ଣ 'ଗ୍ଲାଇକୋଜେନ' ରୂପୀ 'ସ୍ଟୋରେଜ' ତିଆରି କରିବା ସହ ଏହାକୁ ସଞ୍ଚିତ କରିଥାଏ । କେବଳ ସେତିକି ନୁହେଁ ଚର୍ବି, ପୁଷ୍ଟିସାର, ଶ୍ୱେତସାର ଓ ପ୍ରୋଟିନ ପ୍ରକ୍ରିୟା କରଣ କରିବା ସହ ଏହାକୁ ଶକ୍ତିରେ ପରିଣତ କରିଥାଏ । ଏହା ବ୍ୟତୀତ ଯକୃତର ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ରହିଛି । ରକ୍ତ ଜମାଟ ବାନ୍ଧିବା ଉପାଦାନ ଶରୀରରେ ପୁଷ୍ଟିସାର ସଞ୍ଚିଣ୍ଡ ଓ ଶରୀରର ଅନ୍ୟାନ୍ୟ ଅତ୍ୟାବଶ୍ୟକ ପ୍ରମୁଖ ଉପାଦାନ ପ୍ରସ୍ତୁତି ବାଲିସ୍ତ ତୁଲାଇଥାଏ । ଶରୀର ପାଇଁ ବରକାର ପଡୁଥିବା ଏ, ଡି, ଇ, କେ ଆଦି ଭିଟାମିନ ଓ ଖଣିଜ ଲବଣ ସଞ୍ଚିତ ରଖି ଏହାକୁ ପରିଚାଳନା କରିବା ବାଲିସ୍ତ ମଧ୍ୟ ଯକୃତର ।

ଯକୃତର ସବୁଠାରୁ ପ୍ରମୁଖ କାର୍ଯ୍ୟଟି ହେଉଛି ଏହା ଶରୀରର ରକ୍ତରୁ ରାସାୟନିକ ଓ ବିଷାକ୍ତ ପଦାର୍ଥକୁ ଛାଣି ତାହାକୁ ପରିଶ୍ରା ବା ପିତ ଆକାରରେ ବାହାରକୁ ନିର୍ଗମନ କରିଥାଏ । ଶରୀରରୁ ବାହାରୁଥିବା ଆବଜୋନିଆ ନାମକ ବିଷାକ୍ତ ବର୍ଜ୍ୟ ପଦାର୍ଥକୁ ଏହା ୟୁରିଆରେ ପରିଣତ କରେ । ପରବର୍ତ୍ତୀ ସମୟରେ ସେ ସବୁ ବୃକ୍କ ବା କିଡ଼ନୀ ଦ୍ୱାରା ଅଲଗା ହୋଇ ପରିଶ୍ରାରେ ବାହାରକୁ ଆସିଥାଏ । ସବୁଠାରୁ ରୋଚକ କଥା ହେଉଛି ଆମ ଶରୀରର ଅନ୍ୟ ଅଙ୍ଗ ଯେପରି ଖରାପ ହେଲେ ମରାମତି ବା ବିଶ୍ରାମ ଦରକାର ପଡ଼ିଥାଏ କିନ୍ତୁ ଯକୃତର କାର୍ଯ୍ୟ ପଦ୍ଧତି ସମ୍ପୂର୍ଣ୍ଣ ଅଲଗା । ଏହାର ପୁନଃ ବୁଦ୍ଧିଶାଳ କ୍ଷମତା ଥିବାରୁ ଯକୃତ ଆହାତ ପ୍ରସ୍ତୁତ ହେଲେ କିମ୍ବା କ୍ଷତିଗ୍ରସ୍ତ ହେଲେ ଏହା ସ୍ୱତଃ ନିଜର ମରାମତି କରିଥାଏ । ଯକୃତ କ୍ଷତିଗ୍ରସ୍ତ ହେବାରୁ ଚିକିତ୍ସା ବିଜ୍ଞାନରେ 'ହେପାଟୋସାଇଟିସ୍' କୁହାଯାଏ । ଏହି ହେପାଟୋସାଇଟିସ ବା ଯକୃତ କୋଷିକା ପୁନର୍ଗଠନ ସ୍ୱାଭାବିକ ହୋଇ ନିଜ କାର୍ଯ୍ୟଧାରା ଆରମ୍ଭ କରେଇଥାଏ । ଯକୃତ

ଦୈନିକ
ଆରମ୍ଭ
SEITHO ARAMBHA
ସୋମବାର, ୨୩ ମାର୍ଚ୍ଚ,୨୦୨୬ : ବାଲେଶ୍ୱର : ପୃଷ୍ଠା -୫

ଖଣ୍ଡପଡ଼ା ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ

ଖଣ୍ଡପଡ଼ା, ୨୨/୦୩ (ଆ.ପ୍ର) : ଖଣ୍ଡପଡ଼ା ସହରସ୍ଥିତ ପିଏମଶ୍ରୀ ରାମଚନ୍ଦ୍ର ଉଚ୍ চ ବିଦ୍ୟାଳୟର ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ପ୍ରଧାନଶିକ୍ଷୟିତ୍ରୀ ଲିପ୍ସା ନନ୍ଦଙ୍କ ପୌରାହିତ୍ୟରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଇଂ.ଦୁଷ୍ମନ୍ତ କୁମାର ସ୍ୱାଇଁ ଯୋଗଦେଇ ପ୍ରଦୀପ ପ୍ରଜ୍ଜ୍ୱଳନ କରି କାର୍ଯ୍ୟକ୍ରମକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବେ ଖଣ୍ଡପଡ଼ା ବ୍ଲକ ସାଂସଦଙ୍କ ପ୍ରତିନିଧି ଚନ୍ଦ୍ରକାନ୍ତ ବଳିଆର ସିଂ, ବିଶିଷ୍ଟ ଚିତ୍ରଶିଳ୍ପୀ ପି ସୁଧାକର, ପୁରାତନ ଛାତ୍ର ସଂସଦ ସଭାପତି କାଶିନାଥ ଦାସ, ବିଦ୍ୟାଳୟ ପରିଚାଳନା କମିଟି ସଭାନେତ୍ରୀ ରୋଜାଲିନ ପରମଗୁରୁ ପ୍ରମୁଖ ଯୋଗଦେଇ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଜାର୍ଯ୍ୟକ୍ରମର ପ୍ରାରମ୍ଭରେ ଲୁନିକୁନି ପିଲାମାନଙ୍କୁ ବିଧାୟକ ଦୁଷ୍ମନ୍ତ୍ରୁ ଓ ଉପସ୍ଥିତ ସ୍ୱତ୍ରୁ ମିଠା ପ୍ରଦାନ କରି ପ୍ରବେଶ ଉତ୍ସବକୁ ନିମନ୍ତ୍ରଣ କରିଥିଲେ । ଶିକ୍ଷକ ପ୍ରତାପ କୁମାର ବେହେରା ଧନ୍ୟବାଦ ଦେଇଥିଲେ । ଏ ଅବସରରେ ଅନୁଷ୍ଠାନର ମୁଖପତ୍ର 'ସୁଧା' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ପରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ କରାଯାଇଥିଲା ପରିଶେଷରେ ଅନୁଷ୍ଠାନର ଛାତ୍ରଛାତ୍ରୀମାନେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଜାର୍ଯ୍ୟକ୍ରମର ପ୍ରାରମ୍ଭରେ ଲୁନିକୁନି ପିଲାମାନଙ୍କୁ ବିଧାୟକ ଦୁଷ୍ମନ୍ତ୍ରୁ ଓ ଉପସ୍ଥିତ ସ୍ୱତ୍ରୁ ମିଠା ପ୍ରଦାନ କରି ପ୍ରବେଶ ଉତ୍ସବକୁ ନିମନ୍ତ୍ରଣ କରିଥିଲେ । ଶିକ୍ଷକ ପ୍ରତାପ କୁମାର ବେହେରା ଧନ୍ୟବାଦ ଦେଇଥିଲେ ।

ଅବହେଳିତ ହୋଇପଡ଼ିଛି ଭଦ୍ରେଶ୍ୱର ଗ୍ରାମପଂଚାୟତ

ମାହାଙ୍ଗା, ୨୨/୦୩ (ଆ.ପ୍ର) : ମାହାଙ୍ଗା ବ୍ଲକର ଭଦ୍ରେଶ୍ୱର ଗ୍ରାମପଂଚାୟତଟି ଅବହେଳିତ ହୋଇପଡିଛି । ବିଗତ ୨୪ବର୍ଷ ବିଜେଡି ଶାସନ କାଳରେ ଭଦ୍ରେଶ୍ୱର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର କୌଣସି ପରିବର୍ତ୍ତନ ଘଟିଲା ନାହିଁ । ଏପରିକି ଜଣେ ସ୍ଥାୟୀ ଡାକ୍ତର ନିଯୁକ୍ତିହେବାରେ ତତ୍‌କାଳୀନ ସରକାର ବ୍ୟର୍ଥ ହୋଇଥିଲେ । ମାହାଙ୍ଗା ତତ୍‌କାଳୀନ ବିଧାୟକ ପ୍ରତାପ କେନା ସ୍ୱାସ୍ଥ୍ୟମନ୍ତ୍ରୀ ଥିଲା ବେଳେ ଏହି ଡାକ୍ତରଖାନାର ପରିବର୍ତ୍ତନ ପାଇଁ କୌଣସି ପରଚେଷ୍ଟା ଗ୍ରହଣ କଲେ ନାହିଁ । ବର୍ତ୍ତମାନ ଏହି ଡାକ୍ତରଖାନା ଅବସ୍ଥା ନଜାଣିଲେ ଭଲ । ଡାକ୍ତର ପାଳିକରି ସପ୍ତାହରେ ୨/୩ଦିନ ଆସୁଥିଲା ବେଳେ ଫାର୍ମାସିଷ୍ଟ ଜଣକ ମାହାଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ବଦଳି ହୋଇଯାଇଛନ୍ତି । ଏହି ଡାକ୍ତରଖାନା ଉପରୁ ରୋଗୀଙ୍କର ଭରସା ଟୁଟୁଛି । ସେହିଭଳି ଭଦ୍ରେଶ୍ୱର ପ୍ରାଥମିକ ବିଦ୍ୟାଳୟ ୫ଟି ଶ୍ରେଣୀପାଇଁ ଜଣେ ଶିକ୍ଷକ ରହିଥିବା ଅଭିଯୋଗ ହେଉଛି । ୧୮ବର୍ଷ ହେଉ ଭୂତଳ ପାଣି ଯୋଗାଣ ବନ୍ଦ ରହିଛି । ଯାହାଫଳରେ ଭଦ୍ରେଶ୍ୱର ଅଂଚଳର ପାଣ୍ଡିଆ ଗ୍ରାମର ମିଶ୍ରସାହି,ଭଦ୍ରେଶ୍ୱର ମନ୍ଦିର , ବାଗିଜ ସାହିକୁ ପାଣିଯୋଗାଣ ହୋଇପାରୁ ନାହିଁ । ଷଣ୍ଢ ପଏଣ୍ଟ ଅଛି କିନ୍ତୁ ବଧୁଆ ପାଣି ଆସୁନାହିଁ । ଭଦ୍ରେଶ୍ୱର ଠାରେ ଶ୍ରୀ ଶ୍ରୀ ବୀରଭଦ୍ରେଶ୍ୱର ଶୈବପୀଠ, ଭଦ୍ରେଶ୍ୱର ଥାନା, ସେଣ୍ଟ୍ରାଲ ବ୍ୟାଙ୍କ ଇଣ୍ଡିଆର ଶାଖା, ସ୍କୁଲ, ସାପ୍ତାହିକ ହାଟ ରହିଛି । ଥାନାରେ ଆବଶ୍ୟକୀୟ ପୋଲିସ କର୍ମଚାରୀ ନାହାନ୍ତି । ସେକେଣ୍ଡ ଅଫିସର ପଦବୀ ଖାଲିପଡିଛି । ଆବଶ୍ୟକୀୟ ପୋଲିସ କର୍ମଚାରୀ ନଥିବାରୁ ଥାନା ତଳାଇବା ବକ୍ଷରେ ହୋଇପଡିଛି । ଏଥିର ସୀମାକୁ ଲାଗି କେନ୍ଦ୍ରାପଡା ଜିଲ୍ଲା ଓ ନିଶିନ୍ତକୋଇଲି ଥାନା ଅଂଚଳ ରହିଛି । ଭଦ୍ରେଶ୍ୱର ପଂଚାୟତରେ ବିଭିନ୍ନ ଗ୍ରାମର ଥିବା ଜଳେଜ ରାସ୍ତା ଗୁଡିକ ଭାଙ୍ଗି ଗାତ ସୃଷ୍ଟି ହୋଇଗଲାଣି । ଯାତାୟତରେ ସାଧାରଣ ଲୋକ ସମସ୍ୟାଲୋଗୁଛନ୍ତି । ପ୍ରଶାସନର ଦୃଷ୍ଟିପଡୁନାହିଁ । ଏଣୁ ସରକାର ତୁରନ୍ତ ଭଦ୍ରେଶ୍ୱର ପଂଚାୟତର ସମସ୍ୟାପ୍ରତି ଦୃଷ୍ଟିଦେବା ପାଇଁ ସର୍ବସାଧାରଣରେ ଦାବି ହେଉଛି ।

ଅଲ ଓଡ଼ିଶା ହସ୍ପିଟାଲ କର୍ମଚାରୀ ସଂଘ ଗଠନ

ନବରଙ୍ଗପୁର, ୨୨/୦୩ (ଆ.ପ୍ର) : ନବରଙ୍ଗପୁର ଜିଲ୍ଲାର ଡାକ୍ତର ଖାନା କାର୍ଯ୍ୟାଳୟ କର୍ମଚାରୀ ମାନଙ୍କର ଏକ ସାଧାରଣ ବୈଠକ ମେଡିକାଲ ପରିସରରେ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ଭାରତୀୟ ମଜଦୁର ସଂଘ ଉପବେଦ୍ୟା ପରମେଶ୍ୱର ବିଶୋୟୀ ଉପସ୍ଥିତ ରହି ସଂଘ ଦ୍ୱାରା ଲାଭ ଓ ଉପକାରିତା ବିଷୟରେ କୁଝାଇଥିଲେ । ସଂଘ ପରିଚାଳନା ପାଇଁ ଅଲ ଓଡିଶା ହସ୍ପିଟାଲ କର୍ମଚାରୀ ସଂଘ ନବରଙ୍ଗପୁର ଜିଲ୍ଲା କମିଟି ଗଠନ କରାଯାଇଥିଲା । ସଭାପତି ଭାବେ ମରିୟମ ଗରଡ଼ା ଚୟନ କରାଯାଇଥିବା ବେଳେ ଉପ ସଭାପତି ଭାବେ ବିଜୟା ବାଘ, ସୁନେଲୀ ନନ୍ଦ, ସମ୍ପାଦକ ଭାବେ ନମିତା ନାଗ, ସହ ସମ୍ପାଦକ ସାଲୁନୁ ହରିଜନ ଓ ସରିତା ଜାରା କୋଷାଧ୍ୟକ୍ଷ ଭାବେ କନକ ହରିଜନ ସଭ୍ୟା ରଙ୍ଗି ହିଆଲ, ସରିତା ହରିଜନ ସୁଜାତା ହରିଜନ କ୍ରାନ୍ତିଲତା ହିଆଲ ପିଙ୍କି ହରିଜନ ସସ୍ମିତା ବାଘଙ୍କୁ ମାନଙ୍କୁ ମନନୀତ କରାଯାଇଥିଲା । ଅଲ ଓଡିଶା ହସ୍ପିଟାଲ କର୍ମଚାରୀ ସଂଘ ନାମରେ ଭାରତୀୟ ମଜଦୁର ସଂଘ ଦ୍ୱାରା ପରିଚାଳନା କରାଯିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ଭାରତୀୟ ମଜଦୁର ସଂଘ ଜିଲ୍ଲା ସମ୍ପାଦକ ବିଷ୍ଣୁ ପ୍ରସାଦ ବିଶୋୟୀ ନୂତନ କମିଟିର ନାମ ଘୋଷଣା କରିବା ସହିତ ସ୍ୱାଗତ ଜଣାଇ ଥିଲେ ସେମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇ କିଛିଦିନ ତାର ସମାଧାନ କରାଯିବ ଏହି ସଂଘ ଚେଷ୍ଟା କରିବ ବୋଲି ମତ ଦେଇଥିଲେ । ଶେଷରେ ନୂତନ କମିଟିକୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରାଯାଇଥିଲା ।

ପୁରୁଣା ଏସ୍‌ବିଆଇରୁ ବାହାଲପଡ଼ା ରାସ୍ତାରେ ବଡ଼ ଗାତ ଦୁର୍ଘଟଣାକୁ ଆମନ୍ତ୍ରଣ, ପ୍ରଶାସନ ନିରବ

ସିନାପାଲି, ୨୨/୦୩ (ଆ.ପ୍ର) : ନୂଆପଡା ଜିଲ୍ଲା ସିନାପାଲି ସହରର ପୁରୁଣା ଏସ୍‌ବିଆଇ ବ୍ୟାଙ୍କ୍ ଠାରୁ ବାହାଲପଡ଼ାକୁ ଯାଉଥିବା ମୁଖ୍ୟ ରାସ୍ତାର ଦୟନୀୟ ଅବସ୍ଥା ସ୍ଥାନୀୟ ଲୋକଙ୍କ ପାଇଁ ଗଭୀର ଚିନ୍ତାର ବିଷୟ ହୋଇପଡ଼ିଛି । ରାସ୍ତା ମଧ୍ୟରେ ବୃଷ୍ଟି ହୋଇଥିବା ବଡ଼ ବଡ଼ ଗାତ ଦିନକୁ ଦିନ ଆହୁରି ଗଭୀର ହେଉଥିବାରୁ ଏହା ଦୁର୍ଘଟଣାର ମୁଖ୍ୟ କାରଣ ହେବାକୁ ଯାଉଛି । ସ୍ଥାନୀୟ ନିବାସୀମାନଙ୍କ କହିବା ଅନୁଯାୟୀ, ଏହି ରାସ୍ତା ଦ୍ୱାରା ପ୍ରତିଦିନ ଶତାଧିକ ଯାନ ଚଳାଚଳ କରୁଛି । କିନ୍ତୁ ଗାତ ହେତୁ ବିଶେଷକରି ବୁଢୁତରା ଓ ସାଇକେଲ୍ ଚାଳକମାନେ ବହୁତ ବିପଦର ସମ୍ମୁଖୀନ ହେଉଛନ୍ତି । ବର୍ଷା ସମୟରେ ଗାତ ମଧ୍ୟରେ ପାଣି ଜମି ଯାଉଥିବାରୁ ଏହାକୁ ଚିହ୍ନଟ କରିବା ଅସୁବିଧା ହେଉଛି, ଯାହା ଦୁର୍ଘଟଣା ସମ୍ଭାବନାକୁ ଆହୁରି ବଢ଼ାଇ ଦେଉଛି । ଦୀର୍ଘଦିନ ଧରି ଏହି ସମସ୍ୟା ରହିଥିଲେ ମଧ୍ୟ ସମ୍ପର୍କିତ ବିଭାଗ ଏପର୍ଯ୍ୟନ୍ତ କୌଣସି ସ୍ଥାୟୀ ସମାଧାନ ନେଇନାହାନ୍ତି ବୋଲି ସ୍ଥାନୀୟମାନେ ଅଭିଯୋଗ କରିଛନ୍ତି । ଫଳରେ ଯାତ୍ରୀମାନେ ବିକଳ୍ପ ମାର୍ଗ ବାଛିବାକୁ ବାଧ୍ୟ ହେଉଥିବା ସହିତ ସେମାନଙ୍କ ଜୀବନ ଓ ବ୍ୟବସାୟ ମଧ୍ୟ ପ୍ରଭାବିତ ହେଉଛି । "ବର୍ଷା ହେଲେ ପାଣି, ଖରା ହେଲେ ଧୂଳି, ଆଉ ସବୁବେଳେ ଦୁର୍ଘଟଣାର ଭୟ" - ଏହି ରାସ୍ତାର ଅବସ୍ଥାକୁ ଏଇଟି ବ୍ୟକ୍ତ କରିଛନ୍ତି ଲୋକମାନେ । ସ୍ଥାନୀୟ ବାସିନ୍ଦାମାନେ ଶୀଘ୍ର ରାସ୍ତା ମରାମତି ପାଇଁ ପ୍ରଶାସନଙ୍କୁ ଜୋରଦାର ଦାବି କରିଛନ୍ତି । ଫଳରେ ଯାତ୍ରୀମାନେ ବିକଳ୍ପ ମାର୍ଗ ବାଛିବାକୁ ବାଧ୍ୟ ହେଉଥିବା ସହିତ ସେମାନଙ୍କ ଜୀବନ ପ୍ରତି ଆଶଙ୍କା ବ୍ୟକ୍ତ କରିଥିଲେ ।

ପୁରୀ ଟାଉନ ଥାନା ପୋଲିସ ଦ୍ୱାରା ୪ ଜଣ ପେଷାଦାର ବ୍ରାଜନ ସୁଗାର ବେପାରୀ ଗିରଫ

ପୁରୀ, ୨୨/୦୩ (ଆ.ପ୍ର) : ଅପରେସନ ଚକ୍ର ଅଭିଯାନରେ ପୁରୀ ୪ ଜଣ ପେଷାଦାର ବ୍ରାଜନ ସୁଗାର ବେପାରୀଙ୍କୁ ଟାଉନ ଥାନା ପୋଲିସ ଗିରଫ କରିଛି । ଗନ୍ଧମାଳର ଲୁଚି ଛପି କୁନ୍ଦୁରୁ ଝୁଟିଆ ଜାଗାଯାଖରେ ଜଣେ ଆନ୍ଧ୍ରଛିଲ୍ଲା ବ୍ରାଜନ ସୁଗାର ବେପାରୀ ବ୍ରାଜନ ସୁଗାର ବିକିବା ପାଇଁ ତିନି ଜଣ ସ୍ଥାନୀୟ ବେପାରୀଙ୍କ ସହ ମୁଲଚାଲ କରୁଥିବା ବେଳେ ଟାଉନ ଥାନା ପୋଲିସ ବିଶେଷ ସୂତ୍ରରୁ ଖବର ପାଇ ଘଟଣାସ୍ଥଳରେ ଚଢାଉ କରି ସମସ୍ତ ୪ ଜଣ ଆସାମୀ କୁ ଗିରଫ କରିବା ସହିତ ସେମାନଙ୍କଠାରୁ ୧୫.୫୦ ଗ୍ରାମ୍ ବ୍ରାଜନ ସୁଗାର, ୪ ଗୋଟି ମୋବାଇଲ ଫୋନ୍, ୩୮୦୦/- ଟଙ୍କା, ଗୋଟିଏ କେଟିଏମ ବାଇକ୍ ଏବଂ ଗୋଟିଏ ସ୍ୱୀଫ୍ଟ ଜବତ କରିଛି । ଗିରଫାର ଦିନ ସେମାନଙ୍କୁ ମାନ୍ୟବର ଜିଲ୍ଲା ଜଜ୍, ପୁରୀଙ୍କ କୋର୍ଟରେ ହାଜର କରାଯାଇଥିଲା । ମାତ୍ର ଯାମିନି ମାମାଙ୍କୁର ଦେବିନ୍ଦ୍ର, ସେମାନଙ୍କୁ ପୁରୀ ଜିଲ୍ଲା କାରାଗାରକୁ ପଠାଯାଇଛି । ଆସାମୀ ମାନଙ୍କ ନାମରେ ଦୁର୍ଦ୍ଧରୁ ମଧ୍ୟ ବ୍ରାଜନ ସୁଗାର କେସ ସମେତ ଦାବାଦବି, ଚୋରି, ଆଜ୍ରମଣ ଓ ହତ୍ୟା ଉଦ୍ୟମ ପରି ସର୍ଜିନ୍ ମାମଲା ବିଭିନ୍ନ ଥାନାରେ ରହିଛି ।

ଧାନ ଟୋକନ ପାଇଁ ଶାରୀରିକ ସମ୍ପର୍କ ରଖିବା ପାଇଁ ବାଧ

SHG ମହିଳା ସେକ୍ରେଟାରୀଙ୍କ ସ

ଯାଜପୁର, ୨୨/୦୩ (ଆ.ପ୍ର) : ଯାଜପୁର ବ୍ଲକ ଚଇନପୁର ପଂଚାୟତ ୧ ନମ୍ବର ୱାର୍ଡର ବିଦ୍ୟାଧର ଏସ ଏସ ଜି ମହିଳା ଗ୍ରୁପ ଡ୍ରୀଦେବ ସ୍ୱୟଂ ସହାୟକ ଗୋଷ୍ଠୀର ସେକ୍ରେଟେରୀ ନିଳାଦ୍ରୀ ସ୍ୱାଇଁ ସ୍ୱାମୀ ସୋମନାଥ ସ୍ୱାଇଁ ଧାନ ମଣ୍ଡି ପରିଚାଳନା କରୁଥିବା ବେଳେ ଧାନ ଟୋକନ ଓ ବିକ୍ରି ସମ୍ବନ୍ଧୀୟ ସୂଚନା ଜୁଝିବା ବା ପାଇଁ ଯାଇଥିବା ମହିଳାଙ୍କୁ ଶାରୀରିକ ସମ୍ପର୍କ ରଖିବା ପାଇଁ ଲୋଭ ଦେଖାଇ ବା ସହିତ ବିଭିନ୍ନ ଜାଗାକୁ ବୁଲିବାକୁ କହିଥିଲେ । ଯାହାକୁ ଜେଇ ମହିଳା ଚାଷୀ ଜଣକ ଯାଜପୁର ଟାଉନ ଥାନାରେ ଏକ ସାଂପ୍ରତିକ ଲିଖିତ ଅଭିଯୋଗ ଦେଇଛନ୍ତି । ଏବଂ ଯାଜପୁର ପୋଲିସ୍ ପ୍ରଶାସନ ନିଜଗରେ ନ୍ୟାୟ ଦାବି ସହ ଧାନମଣ୍ଡିକୁ ବନ୍ଦ କରିବାକୁ ଅନୁରୋଧ କରିଛନ୍ତି । ମହିଳା ଗ୍ରୁପ ସେକ୍ରେଟେରୀଙ୍କ ସ୍ୱାମୀ ସୋମନାଥ ସ୍ୱାଇଁ ଶାରୀରିକ ସମ୍ପର୍କ ରଖିବା ପାଇଁ ବାଧ କରୁଥିବାର ଗ୍ରାମର ମୁହଁ ଖୋଲି ସବୁ ଖୋଲାଖୋଲି କହିବେଳେ ମହିଳା ଚାଷୀ । ସରକାରୀ ମଣ୍ଡିରେ ଧାନ କିଣିବା ବଦଳରେ ମହିଳା ଚାଷୀଙ୍କୁ ସେକ୍ରେଟେରୀଙ୍କ ସ୍ୱାମୀ ଏମିତି ଶାରୀରିକ ସମ୍ପର୍କ ରଖିବାକୁ କରୁଥିଲା ବୋଧ । ଦେଉଥିଲା ମାନସିକ ନିର୍ଯ୍ୟାତନା । କଳ ରେଜର୍ଡ ଭାଇରାଲ ପରେ ଏବେ ମୁହଁ ଖୋଲିଛନ୍ତି ଚାଷୀ । ମହିଳାଙ୍କୁ ଇତିବ୍ ନ୍ୟାୟ ପ୍ରଦାନ ପାଇଁ ଦାବି ହୋଇଛି ।

ସାହିତ୍ୟ ପାଇଁ ଗାଁ ଗାଁରେ ଓଡ଼ିଆ ମହକ ଶିବ ନାରାୟଣ ସାହିତ୍ୟ ସାଂସଦ ବାର୍ଷିକ ଉତ୍ସବ ପାଳିତ

ହାଟଦିହି, ୨୨/୦୩ (ଆ.ପ୍ର) : ହାଟଦିହି ବ୍ଲକ ଲଂଙ୍ଗଳା ଠାରେ ଶିବ ନାରାୟଣ ସାହିତ୍ୟ ସାଂସଦ ବାର୍ଷିକ ଉତ୍ସବ ପାଳିତ ହୋଇ ଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଆନନ୍ଦପୁର ବିଧାୟକ ଅଭିମନ୍ୟୁ ସେଠୀ ଓ ସଭାପତି ଭାବରେ ନୃସିଂହ ଚରଣ ପଣ୍ଡା ମୁଖ୍ୟବକ୍ତା ଭାବେ ଗୋବିନ୍ଦ ଚନ୍ଦ୍ର ପାଣିଗ୍ରାହୀ ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ପାତ୍ର, ଶରତ କୁମାର ରାଉତ, ସଂସ୍କୃତିକ ଭାବେ ହାସ୍ୟମଞ୍ଜରୀ ରାଜ, ଦୀପ୍ତି ଦେବ ବର୍ଦ୍ଧନୀ ସୁଡାର ରଚିଥିବା ବେଳେ ସଂପାଦକୀୟ ପାଠ ଅନନ୍ତ ଚରଣ ମୁଦୁଲି କରିଥିଲେ । ଏହି କାର୍ଯ୍ୟକ୍ରମ ରେ ସମ୍ମାନିତ ପ୍ରତିଭା ଭାବେ ଧୂମକେତୁ ଦାସ, ବାମନ ଚରଣ ବେହେରା, କଳ୍ୟାଣୀ ବାଳା ମୁଦୁଲି ରଚିଥିଲେ । ଶିବ ନାରାୟଣ ସାହିତ୍ୟ ସାଂସଦର ସମ୍ପାଦକ ମୁରଲୀ ଧର ବେହେରା ଗଢି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଏହି ସଭା ରେ ଅତିଥି ପରିଚୟ ନାରାୟଣ ଲେଙ୍କା ପ୍ରଦାନ କରି ଥିବା ବେଳେ ମଂଚ ପରିଚାଳନା ଉତ୍କଳର ଦାସ କରିଥିଲେ । ଏହି କାର୍ଯ୍ୟକ୍ରମକୁ ବିଶ୍ୱଜିତ୍ ରାଉତ, ସୁଶାନ୍ତ ମହାପାତ୍ର ବ୍ରଜ କିଶୋର ରାଉତ, ଅଲେଖ ସ୍ୱାଇଁ ରାଧାର ବିହାରି ବେହେରା, ହେମନ୍ତ କୁମାର ନାୟକ ସହୋଗ କରିଥିଲେ । ଏହି ଉତ୍ସବକୁ ପ୍ରଫେସର ଚନ୍ଦ୍ର ଶେଖର ଦାସ ବଦାନ୍ୟତା ଦେଖାଇ ଥିଲେ ।

ହାଇୱା ଧକ୍କାରେ ଜଣେ ଗୁରୁତର, ଚାରି ଆହତ

ବଣାଇଁ, ୨୨/୦୩ (ଆ.ପ୍ର) : ଲାଚୁଣୀପଡ଼ା ଥାନା ଅନ୍ତର୍ଗତ ରଜାମୁଣ୍ଡା ନିକଟରେ ଏକ ହାଇୱା (ଓଡି୧୪ଏ ଏଚ୍ ୪୧୨୧) ଟ୍ରାକଟର ଅଂଚଳରୁ ଏକ ଟ୍ରାଭେରା (ଓଡି ୨୮ଟି ୭୧୮୮) ପୁରୀ ଯାଉଥିବା ବେଳେ ହାଇୱା ସହିତ ଧକ୍କା ହେବାରୁ ଟ୍ରାଭେରା ଗାଡିରେ ଥିବା ୫ଜଣ ଗୁରୁତର ହୋଇପଡି ଥିଲେ । ଖବର ପାଇ ସଂଗେସଂଗେ ଆମ୍ବୁଲାନ୍ସ, ପୋଲିସ ପହଂଚି ସମସ୍ତଙ୍କୁ ଉଦ୍ଧାର କରି ପ୍ରଥମେ ଲାଚୁଣୀପଡା ଡାକ୍ତରଖାନା ପରେ ରାଉରକେଲାକୁ ସ୍ଥାନାନ୍ତରିତ କରିଥିବା ବେଳେ ତାଙ୍କ ମଧ୍ୟରୁ ଜଣେ ଅତି ଗୁରୁତର ଥିବାରୁ ତାକୁ ରାଂଚି ନେଇ ଥିବା ଜଣା ପଡିଥିବା ଜଣାପଡିଛି । ପୋଲିସ ଦୁଇଟା ଗାଡିକୁ ଜବତ କରି ତଦନ୍ତ ଚଳାଇ ଥିବା ବେଳେ ହାଇୱା ଡ୍ରାଇଭର ଫେରାର ହୋଇଯାଇଥିବା ପୋଲିସ କହିଛି ।

ପରିବହନ ଓ ପୋଲିସ ବିଭାଗ ପକ୍ଷରୁ ଯାନବାହନ ଯାଂଚ

ଜି.ଉଦୟଗିରି, ୨୨/୦୩ (ଆ.ପ୍ର) : ବେପରୁଆ ଗାଡ଼ି ଚାଳନାରେ ଦୁର୍ଘଟଣା ମୃତ୍ୟୁକୁ ରୋକିବା ପାଇଁ ରୋକିବା ପାଇଁ ସରକାରୀ ନିର୍ଦ୍ଦେଶ କ୍ରମେ ଜିଲ୍ଲା ପରିବହନ ବିଭାଗ ଓ ସ୍ଥାନୀୟ ପୋଲିସ ବିଭାଗର ମିଳିତ ସହଯୋଗରେ ସ୍ଥାନୀୟ କଳିଜା ରୋଡ ପେଟ୍ରୋଲ ପମ୍ପ ନିକଟରେ ଯାନବାହାନ ଯାଂଚ କରାଯାଇଥିଲା । ପରିବହନ ଅଧିକାରୀ ଶିବାଜୀ ମାଝୀ ଏବଂ ପୋଲିସ ଏସଆଇ ଗୁପକ ଦଳେଇଙ୍କ ନେତୃତ୍ୱରେ ଯାନବାହନ ଯାଂଚ କରାଯାଇଥିଲା । ଯାଂଚ ବେଳେ ଚାଳକ ମାନଙ୍କ ଲାଇସେନ୍ସ, ହେଲମେଟ, ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ, ଇନ୍ସୁରାନ୍ସ କାଗଜ ପତ୍ର ଯାଂଚ କରାଯାଇଥିବା ସହ ମଦ୍ୟପ ଚାଳକ ମାନଙ୍କୁ ପରୀକ୍ଷା କରି ଫାଇନ କରାଯାଇଥିବା ଦେଖିବାକୁ ମିଳିଛି । ଯାଂଚ ବେଳେ ବହୁ ଚାଳକ ବିନା ହେଲମେଟରେ ଗାଡ଼ି ଚାଳନା କରୁଥିବା ଓ ଗାଡ଼ି ଗୁଡ଼ିକର ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ, ମଦ୍ୟପାନ ଓ ବିନା ଲାଇସେନ୍ସରେ ଗାଡ଼ି ଚାଳନା କରିଥିବା ଯୋଡ଼ିଯାଂଚ ବେଳେ ପ୍ରାୟ ୯୩ ହଜାର ଟଙ୍କା ଫାଇନ ଆଦାୟ କରାଯାଇଥିବା ସୂଚନା ମିଳିଛି । ଆଗକୁ ମଧ୍ୟ ପରିବହନ ବିଭାଗ ଓ ସ୍ଥାନୀୟ ପୋଲିସ ବାହିନୀର ମିଳିତ ସହଯୋଗରେ ଏହିପରି ଅଚର୍ଜିତ ଗାଡ଼ି ମୋଟର ଯାଂଚ କରାଯାଇ ବିନା କାଗଜପତ୍ର, ଲାଇସେନସ ତଥା ମଦ୍ୟପାନ କରି ବେପରୁଆ ଭାବେ ଗାଡ଼ି ମୋଟର ଚାଳନା କରୁଥିବା ଚାଳକ ମାନଙ୍କୁ ଦଣ୍ଡିତ କରାଯିବା ନେଇ ବିଭାଗୀୟ ଅଧିକାରୀଙ୍କ ତରଫରୁ ସୂଚନା ମିଳିଛି ।

ଯୁବ ଓ ମହିଳା ଯାଦବ ସମାଜର କର୍ମକର୍ତା ଚୟନ ଯୁବ ସଭାପତି ଯୋଗେନ୍ଦ୍ର, ମହିଳା ସଭାନେତ୍ରୀ ହରିପ୍ରିୟା

କୋକସରା, ୨୨/୦୩ (ଆ.ପ୍ର) : କୋକସରା ବ୍ଲକ ସଦର ପଂଚାୟତ ଚିଲିଗୁଡ଼ା ସ୍ଥିତି ବ୍ଲକ ଯାଦବ ଭବନ ଠାରେ ରବିବାର ବ୍ଲକ ଯାଦବ ସମିତିର ଯୁବ ଓ ମହିଳା ବିଭାଗର ନୂତନ କର୍ମକର୍ତା ଚୟନ କରାଯାଇଛି । କୋକସରା ବ୍ଲକ ଯାଦବ ସମିତିର ସଭାପତି ଦାମୋଦର ଜାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ମକର୍ତା ଚୟନ କାର୍ଯ୍ୟକ୍ରମରେ ଜନୁନେତ୍ର ଯାଦବ ନିର୍ବାଚନ ପର୍ଯ୍ୟବେକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ । ସର୍ବସମ୍ମତି କ୍ରମେ ବ୍ଲକ ଯୁବ ଯାଦବ ସଭାପତି ଭାବରେ ଯୋଗେନ୍ଦ୍ର ସଂସ ମନୋନୀତ ହୋଇଥିଲା । ଉପ ସଭାପତି ଚନ୍ଦ୍ର ଗୋପାଳ, ଅଭିମନ୍ୟୁ ବାଗ ଓ ଦୁଷ୍ମନ୍ତ ସହିତ, ସମ୍ପାଦକ କାଳୀକୃଷ୍ଣ ବାଗ, ସହ ସମ୍ପାଦକ ଗିଙ୍ଗର ରହିତ, ଭଜନଲାଲ ନାଗ ଓ ବେରେନ୍ଦ୍ର ଘିଁ, କୋଷାଧ୍ୟକ୍ଷ ଭାବରେ ମନୋଜ ରାଉତ ପ୍ରମୁଖ ମନୋନୀତ ହୋଇଥିଲେ । ସେହିପରି ମହିଳା ଯାଦବ ସମିତିର ସଭାନେତ୍ରୀ ଭାବେ ହରିପ୍ରିୟା ନାଗ, ସମ୍ପାଦିକା ବୃନ

ଦୈନିକ
ଆରମ୍ଭ
SEITHO ARAMBHA
ସୋମବାର, ୨୩ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୬

ଷ୍ଟାଫନର୍ସ ନଥିବାରୁ ଏଞ୍ଜେକ୍ସନ ସାଲାଇନ ବାଧାପ୍ରାପ୍ତ, ରୋଗୀ ଅସୁବିଧାର ସମ୍ମୁଖୀନ
ଜିଲ୍ଲା ଚିକିତ୍ସାଧିକାରୀଙ୍କ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବି

ଧାମନଗର, ୨୨/୦୩ (ଆ.ପ୍ର) : ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀ ପରିଷଦ ଡିଜୁରୀ ପିହୁଞ୍ଚନ୍ତି ଗାଳୁରେ ଗାଳିଛି ଲୋକଙ୍କ ସରକାର । କିନ୍ତୁ ପ୍ରକୃତରେ ବିଜିନ୍ନ କ୍ଷେତ୍ରରେ ଲୋକଙ୍କୁ ନାହିଁ ତଥିବା ଅସୁବିଧାରେ ପକାଇଛି ତକଲ ଇଞ୍ଜେନ ମୋହନ ସରକାର । ଧାମନଗର ମେଡିକାଲରେ ଦିନକୁ ଦିନ ସ୍ୱାସ୍ଥ୍ୟ ସେବା ବିପର୍ଯ୍ୟସ୍ତ ହେବାର ଦେଖାଦେଇଛି । ରୋଗୀଙ୍କୁ ଏଞ୍ଜେକ୍ସନ ସାଲାଇନ ସେବା ପାଇଁ ନାହାନ୍ତି ଷ୍ଟାଫନର୍ସ ଚିକିତ୍ସାଧିନ ରୋଗୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ । ଖବର କେବଳରୁ ଯାହା ଜଣାଯାଏ ଧାମନଗର ବ୍ଲକ ମୁଣ୍ଡପୀପୁର ପଂଚାୟତର ସ୍ଥାୟୀ ବାସିନ୍ଦା କଲସୁମ ବିବିଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଧାମନଗର ମେଡିକାଲରେ ଭର୍ତ୍ତି କରାଯାଇଥିଲା । ଡାକ୍ତର ସଙ୍ଗେ ସଙ୍ଗେ ପ୍ରାଥମିକ ଚିକିତ୍ସା ଆରମ୍ଭ କରି ଥିବା ବେଳେ ଦୁଃଖ ଓ ପରିତାପର ବିଷୟ ଏଞ୍ଜେକ୍ସନ ସେଲାଇନ

ନେବା ପାଇଁ ଷ୍ଟାଫନର୍ସ ନଥିବାରୁ ୨ଟାରୁ ୨ଟା ୩୦ ମିନିଟ ପର୍ଯ୍ୟନ୍ତ ରୋଗୀଙ୍କୁ ଅପେକ୍ଷା କରିବାକୁ ପଡିଥିଲା । ଏଠି ପ୍ରଶ୍ନ ଉଠେ ଯେ ଡାକ୍ତରଙ୍କୁ କଣଶାଇ ଡିଯୁଟି ଛାଡି ଡାଲିଯିବାରୁ ଉପସ୍ଥିତ ଡାକ୍ତର ଘୋର ଅସନ୍ତୋଷ ପ୍ରକାଶ କରିଥିଲେ । ପ୍ରକାଶ ଥାଉକି ଡିଯୁଟି ଚିଠାରେ ଜଣକ ନାମ ଥିବା ବେଳେ ଆଉ ଜଣେ ଷ୍ଟାଫନର୍ସ ମନମୁଖୀ ଭାବେ କାର୍ଯ୍ୟ କରୁଛନ୍ତି । ଏପରେ ମହିଳା ଝାନୁଦାର ମାନେ ଏଞ୍ଜେକ୍ସନ ସେଲାଇନ ଦେଉଛନ୍ତି ଯଦି ରୋଗୀର କିଛି ଅସୁବିଧା ହୁଏ ତାହେଲେ ଦାୟୀ କିଏ ହେବ ବୋଲି ଚିକିତ୍ସାଧିନ ରୋଗୀ ଓ ତାଙ୍କର ପରିବାର ଲୋକେ ଜଣମାଧ୍ୟମ ଆଗରେ ଅଭିଯୋଗ କରିଛନ୍ତି । ସଚ୍ଚାରାଙ୍କର ନିୟମକୁ ଲଙ୍ଘନ କରି କେତେକ ଷ୍ଟାଫନର୍ସ ଦୀର୍ଘ ବର୍ଷ ବର୍ଷ ଧରି ଏଠାରେ ରହି ଅଫିସର ଏବଂ ଡାକ୍ତର ମାନଙ୍କୁ ଖାତିରି କରି ମନମୁଖୀ କାର୍ଯ୍ୟ କରିଚାଲିଛନ୍ତି । ଧାମନଗର ବିଧାୟକ ତଥା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ,ଜିଲ୍ଲାପାଳ ବିଲୁପ୍ତ ରାଉତରାଏ ଏବଂ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ସ୍ୱାସ୍ଥ୍ୟ ସେବା ଓ ଉକ୍ତ ଘଟଣାକୁ ଗୁରୁତ୍ୱ ଦେଇ ସରକାରଙ୍କ ନିୟମକୁ ଅନୁସରଣ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ରୋଗୀଙ୍କ ପରିବାର ଓ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି ।

ସୁନାଖଳାରେ ବାଘ ବୁଲୁଥିବା ନେଇ ଭିଡିଓ ଭାଇରାଲ

ପାଟପୁର, ୨୨/୦୩ (ଆ.ପ୍ର) : ବ୍ରହ୍ମପୁର ବନଖଣ୍ଡ ଅଧିନସ୍ଥ ସାମଣ୍ଡିଆପଲ୍ଲୀ ବନାଂଚଳ ଅନ୍ତର୍ଗତ ସୁନାଖଳା ପାହାଡ ଉପର ମୁଣ୍ଡରେ ବାଘ ଥିବା ନେଇ ଗତ କାଲିଠାରୁ ଏକ ଭିଡିଓ ବିଭିନ୍ନ ସୋସିଆଲ ମିଡିଆରେ ଭାଇରାଲ୍ ହେଉଥିବା ବେଳେ ଲୋକେ ଆତଙ୍କିତ ହୋଇ ପଡିଛନ୍ତି । ଏନେଇ ସୁନାଖଳା ଗ୍ରାମର ସମାଜସେବୀ ଦେବେନ୍ଦ୍ର କୁମାର ଋଣାଙ୍କ ସହିତ ଯୋଗାଯୋଗ କରିବାରୁ ଗତ କିଛି ଦିନ ଧରି କଳରାପଡିଆ ବାଘ ସାମନ୍ତ ଅଂଚଳରେ ବୁଲୁଥିବା ନେଇ ଗ୍ରାମର କିଛି ଲୋକ ଦେଖିଥିଲେ । ପୁଣି ଗତକାଲି ଏପରି ଘଟଣା ଘଟିଛି । ସୁନାଖଳା ଗ୍ରାମ ଓ ଆଖପାଖ ଅଂଚଳରେ ବାଘ ବୁଲୁଥିବା ନେଇ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି ହୋଇଛି । ତେବେ ସତରେ ବାଘ ନାଁ ଏହା ଗୁଜବ ତାହା ବର୍ତ୍ତମାନ ସୁଦ୍ଧା ସ୍ପଷ୍ଟ ହୋଇନାହିଁ । ଏନେଇ ସାମନ୍ତିଆପଲ୍ଲୀ ବନାଂଚଳ ଅଧିକାରୀଙ୍କ ସହିତ ଯୋଗାଯୋଗ କରିବାରୁ ବିଭାଗ ପକ୍ଷରୁ ଘଟଣା ସୁନଲେ ପଛଂଟି ସୁନାଖଳା ପାହାଡ ସାରା ବୁଲି ଆସିଥିବା ବେଳେ ନିକଟରେ ଥିବା ସମସ୍ତ ପୋଖରୀ ମାନଙ୍କରେ ପାଦ ଚିହ୍ନକୁ ଦେଖାଗଲା ଅଛି ।ଏହାରେ ବାଘ ପାଦ ଚିହ୍ନ କେଉଁଠି ମିଳିପାରିନାହିଁ ବୋଲି ବନାଂଚଳ ଅଧିକାରୀ ମନୋଜ କୁମାର ପାତ୍ର ସୂଚନା ଦେଇଛନ୍ତି । କିନ୍ତୁ ଘଟଣାର ୨୪ ଘଂଟା ପରେ ମଧ୍ୟ ଉକ୍ତ ଭାଇରାଲ ଭିଡିଓ ସତ ନା ମିଛ ସ୍ପଷ୍ଟ ଭାବରେ ବନ ବିଭାଗ ସୂଚନା ଦେଇପାରୁ ନାହାନ୍ତି । ଅନ୍ୟ ପକ୍ଷରେ ସ୍ଥାନୀୟ ଜନସାଧାରଣ ଆତଙ୍କିତ ନ ହୋଇ ସତର୍କ ରହିବାକୁ ବନ ବିଭାଗ ପରାମର୍ଶ ଦେଇଥିବା ଜଣାପଡ଼ିଛି ।

ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି କାର୍ଯ୍ୟକାରୀ ନେଇ ବିଧାୟକଙ୍କୁ ଭେଟିଲେ ସଦର ମୁଖ୍ୟଚିକିତ୍ସାଳୟର ଆଉଟ ସୋର୍ସିଙ୍ଗ କର୍ମଚାରୀ

ଜଗତସିଂହପୁର, ୨୨/୦୩ (ଆ.ପ୍ର) : ଆଉଟସୋର୍ସିଙ୍ଗ ଉଚ୍ଛେଦ ଓ ଚାକିରୀରେ ସ୍ଥାୟୀତ୍ୱ ନେଇ ଜଗତସିଂହପୁର ବିଧାୟକଙ୍କୁ ଭେଟିଲେ ଜଗତସିଂହପୁର ମୁଖ୍ୟଚିକିତ୍ସାଳୟର ଆଉଟସୋର୍ସିଙ୍ଗ କର୍ମଚାରୀ ।ଓଡିଶା ସରକାରୀ ଆଉଟସୋର୍ସିଙ୍ଗ କର୍ମଚାରୀ ମହାସଂଘର ବ୍ୟାନରରେ ଭୁବନେଶ୍ୱର ଲୋୟର ପିଏମଜିରେ ୧୦ଦିନ ଧରି ସରକାରୀ ଆଉଟସୋର୍ସିଙ୍ଗ କର୍ମଚାରୀ ଧାରଣା ଦେଇଥିଲେ । ପରେ ଆଉଟସୋର୍ସିଙ୍ଗ ଉଚ୍ଛେଦ ଓ ଚାକିରେ ସ୍ଥାୟୀତ୍ୱ ଦାବିକୁ ଯଥାଶୀଘ୍ର କାର୍ଯ୍ୟକାରୀ କରାଯିବ ବୋଲି

ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା । ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତିକୁ ଯଥାଶୀଘ୍ର କାର୍ଯ୍ୟକାରୀ ନେଇ ଜଗତସିଂହପୁର ମୁଖ୍ୟଚିକିତ୍ସାଳୟରେ କାର୍ଯ୍ୟରତ ଆଉଟସୋର୍ସିଙ୍ଗ କର୍ମଚାରୀ ନେଇ ବିଧାୟକ ଅମରେନ୍ଦ୍ର ଦାସଙ୍କୁ ଭେଟିଛନ୍ତି । ବିଧାୟକ ଅମରେନ୍ଦ୍ର ଦାସ ଏ ସମ୍ପର୍କରେ ହୃଦୟଙ୍ଗମ କରି ମୁଖ୍ୟମନ୍ତ୍ରୀ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଅବଗତ କରି ଯଥାଶୀଘ୍ର ପଦକ୍ଷେପ ନେବାକୁ ଅନୁରୋଧ କରିବେ ବୋଲି କର୍ମଚାରୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି ।

ଉଦନ୍ତୀ ମହୋତ୍ସବ ୨୦୨୬ ପାଇଁ ସିନାପାଲିରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ

ସିନାପାଲି, ୨୨/୦୩ (ଆ.ପ୍ର) : ସିନାପାଲି ଉଚ୍চ ବିଦ୍ୟାଳୟ ସଭାଗୃହରେ ଆଜି ଉଦନ୍ତୀ ମହୋତ୍ସବ ୨୦୨୬ ଅବସରରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ସଭାରେ ସଭାପତି ଭାବେ ପ୍ରିୟ ରଞ୍ଜନ ମେହେର ଅଧ୍ୟକ୍ଷତା କରିଥିଲେ । ଏହି ସମ୍ମିଳନୀରେ ସମ୍ପାଦକ ସୁରଜ ମେହେର, କୋଷାଧ୍ୟକ୍ଷ ବିଦ୍ୟା ରଞ୍ଜନ ନାୟକ ଉପସ୍ଥିତ ଥିଲେ । ବରିଷ୍ଠ ଉପଦେଷ୍ଟା ଭାବେ ବୈଶାଖୀମନ ମେହେର, ତୁଳସୀ ମେହେର, ରବୀ ଯୋଶୀ ଓ ତମରୁଧର ମେହେର ମଂଚାସୀନ ଥିଲେ । ସଭାପତି ପ୍ରିୟ ରଞ୍ଜନ ମେହେର ସୂଚନା ଦେଇ କହିଥିଲେ ଯେ, ଆସନ୍ତା ୨୭, ୨୮ ଓ ୨୯ ତାରିଖରେ ସିନାପାଲି ହାଇସ୍କୁଲ ଖେଳ ପଡିଆରେ ଉଦନ୍ତୀ ମହୋତ୍ସବ ଧୂମଧାମରେ ପାଳିତ ହେବ । ଏହି ତିନି ଦିନିଆ ଉତ୍ସବରେ ବିଜିନ୍ନ ଅଂଚଳରୁ ଆସିଥିବା ଲୋକନୃତ୍ୟ ଓ ଆଂଚଳିକ ସଂସ୍କୃତିକ ଦଳ ଅଂଶଗ୍ରହଣ କରିବେ । ଆସନ୍ତା ୨୭ ତାରିଖ ସନ୍ଧ୍ୟାରେ ମଶାଲ ଯାତ୍ରା ସହିତ ମହୋତ୍ସବର ଶୁଭ ଉଦଘାଟନ ହେବାକୁ ଥିବା ସମ୍ବନ୍ଧରେ ସେ ଅଧିକ ସୂଚନା ଦେଇଥିଲେ । ଶେଷରେ କୋଷାଧ୍ୟକ୍ଷ ବିଦ୍ୟା ରଞ୍ଜନ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।

ବଚପନ୍ ଓ ଏକାଡେମୀକ୍ ହାଇଟ୍ସ ପବ୍ଲିକ ସ୍କୁଲରେ ଇଦ୍ ପର୍ବ ପାଳନ

ଇବାନୀପାଟଣା, ୨୨/୦୩ (ଆ.ପ୍ର) : କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ଅଂଚଳର ପ୍ରସିଦ୍ଧ ବଚପନ ଓ ଏକାଡେମୀକ୍ ହାଇଟ୍ସ ପବ୍ଲିକ ସ୍କୁଲରେ ପବିତ୍ର ଇଦ୍ ପର୍ବ ଟି ଅତ୍ୟନ୍ତ ଧୂମ୍ ଧାମ୍ ଓ ଆଡମ୍ବର ସହିତ ପାଳନ କରାଗଲା । ଏହି ଅବସରରେ ସ୍କୁଲ ପରିବେଶକୁ ରଙ୍ଗୀନ ପୋଷରେ ଓ ଆଲୋକ ରେ ସୁସଜ୍ଜିତ କରାଯାଇ ଥିଲା । ଯାହା ଏକ ଭାବର ମୟ ପରିବେଶ ସୃଷ୍ଟି କରିଥିଲା । ଏହି କାର୍ଯ୍ୟକ୍ରମ ରେ ଛୋଟ ଛୋଟ ଛାତ୍ର ଛାତ୍ରୀ ମାନେ ପରମ୍ପରିକ ପୋଷାକ ପିନ୍ଧି ଅଂଶ ଗ୍ରହଣ କରିଥିଲେ । ଶିକ୍ଷକ ଓ ଶିକ୍ଷୟତ୍ରୀମାନେ ଇଦ୍ ପର୍ବର ଇତିହାସ, ଭାବଧାରା ମହତ୍ୱ, ଓ ସାଂ ଧର୍ମର ମୂଲ୍ୟ ବିଷୟରେ ସହଜ ଓ ସରଳ ଭାଷାରେ ଛାତ୍ର ଛାତ୍ରୀମାନଙ୍କୁ ବୁଝାଇଥିଲେ । ଏହା ମାଧ୍ୟମରେ ସେମାନେ ମାନବତା, ସହାନୁଭୂତି ଓ ଭାଇଚାରାର ମୂଲ୍ୟ ବୁଝି ପାରିଥିଲେ । 'ଇଦ୍ ମୁବାରକ୍'ର ଶୁଭେଚ୍ଛା ବିନିମୟ କରି ସମସ୍ତେ ପରସ୍ପରକୁ ଅଭିନନ୍ଦନ ଜଣାଇଥିଲେ । ଏହି ସମୟରେ ସ୍କୁଲ ପରିସରରେ ଖୁସି ଓ ଭାଇଚାର ଲହରୀ ଖେଳି ଯାଇଥିଲା । ସ୍କୁଲର ପ୍ରଧାନ ଶିକ୍ଷୟତ୍ରୀ ମମତା ରାଣୀ ପଟ୍ଟନାୟକ ତାଙ୍କ ଉଦବୋଧନରେ କହିଥିଲେ ଯେ, ଏପରି ପର୍ବ ପାଳନ ଛାତ୍ର ଛାତ୍ରୀ ମାନଙ୍କ ମନରେ ସାମ୍ପ୍ରଦାୟିକ ସମ୍ମିଳନ, ସହିଷ୍ଣୁତ । ଓ ଭାଇଚାରାର ଭାବନାକୁ ବୃଦ୍ଧି କରେ । ସମଗ୍ର କାର୍ଯ୍ୟକ୍ରମ ଟି ଅତ୍ୟନ୍ତ ସୁନ୍ଦର ଓ ସଫଳ ଭାବେ ସମାପ୍ତ ହୋଇଥିଲା । ଯାହା ସମସ୍ତଙ୍କ ମନରେ ଏକ ଅମିଟ ସ୍ମୃତି ।

ନେମାଳ ଗୋଖରା ଷ୍ଟାଡ଼ିୟମ ଚାବି ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟକୁ ପ୍ରଦାନ

ନିଷିଦ୍ଧକୋଇଲି, ୨୨/୦୩ (ଆ.ପ୍ର) : ଗ୍ରାମାଞ୍ଚଳରେ କ୍ରୀଡ଼ାର ବିକାଶ ପାଇଁ ଭିତ୍ତିଭୂମି ପ୍ରସାରିତ ଯୋଗାଇବା ସଙ୍ଗେ ସଙ୍ଗେ କ୍ରୀଡ଼ା ପ୍ରସାର ପାଇଁ ତତ୍‌କାଳୀନ ମନ୍ତ୍ରୀ ତଥା ସେତେଦେବର କଟକ ସଦର ବିଧାୟକ ଚନ୍ଦ୍ରସାଣ୍ଡା ବେହେରାଙ୍କ ଉଦ୍ୟମ କ୍ରମେ ଜଟକସଦର ବିଧାନସଭା କ୍ଷେତ୍ର ନିଷିଦ୍ଧକୋଇଲି ବ୍ଲକ ନେମାଳ ଠାରେ ଗୋଖରା ଷ୍ଟାଡ଼ିୟମ୍ ନିର୍ମାଣ କରାଯାଇଥିଲା । ବର୍ତ୍ତମାନ ଏହି ଷ୍ଟାଡ଼ିୟମଟି ଶ୍ରୀ ଅଚ୍ୟୁତାନନ୍ଦ ମିନି ଷ୍ଟାଡ଼ିୟମ ଜଟକସଦର ନେମାଳ ନାମରେ ପରିଚିତ । କିନ୍ତୁ କେତେକ ନଷ୍ଟସ୍ୱାର୍ଥ, ମଦ୍ୟପ, ମୁନାଫାଖୋର ଓ ଖଳ ପ୍ରକୃତିର ବ୍ୟକ୍ତି ନିଜର ସ୍ୱାର୍ଥକୁ ଚରିତାର୍ଥ କରିବା ସଙ୍ଗେ ସଙ୍ଗେ ଷ୍ଟାଡ଼ିୟମର ଚାବି କୁତୁଡ଼ୀମାନେ ନିଜ ଅକ୍ତିଆରରେ ରଖିଛନ୍ତି । ଉକ୍ତ ଷ୍ଟାଡ଼ିୟମର ଦାୟିତ୍ୱ ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟକୁ ପ୍ରଦାନ କରିବାକୁ ମହାବିଦ୍ୟାଳୟର ଛାତ୍ର ସଂସଦ ପୂର୍ବତନ ସଭାପତି ରତନ କୁମାର କର, ନୃସିଂହଚରଣ ମୁଦୁଲି, ଶମାନିଧି ପୃଷ୍ଟାଣୀ, ଫିମାଂଶୁଶେଖର ଦାସ, ସୂର୍ଯ୍ୟକାନ୍ତ ଜେନା, ନିର୍ମଳ ପତିହାରୀ, ବଳଦେବାନନ୍ଦ ଦାସ, ଗୋବିନ୍ଦଚନ୍ଦ୍ର ଦାସ, କୃଷ୍ଣଚନ୍ଦ୍ର ସାମଲ, ସରୋଜ କୁମାର ସିଂହ, ଦେବାଶିଷ ନାୟକ, ଅମିତ୍ ମହାନ୍ତି, କିଶନ ଭୂୟାଁ, କମଳକାନ୍ତ ଦାଶ ଓ ପୂର୍ବତନ ସମ୍ପାଦକ ଜ୍ଞାନକାନ୍ତବଲ୍ଲଭ ମହାନ୍ତି ପ୍ରମୁଖଙ୍କ ସମେତ ମହାବିଦ୍ୟାଳୟର ବହୁ ପୁରାତନ ଛାତ୍ର ଛାତ୍ରୀ ମାନ୍ୟବର ମୁଖ୍ୟମନ୍ତ୍ରୀ ଓଡ଼ିଶା ମୋହନଚରଣ ମାଝୀଙ୍କୁ କିଞ୍ଚିତ ଭାବେ ଅବଗତ କରାଇଥିଲେ । ଭଲ ଦରଖାସ୍ତର ଅବିକଳ ନକଲ କ୍ରୀଡ଼ା ସଚିବ ଓଡ଼ିଶା ସରକାର,ଜିଲ୍ଲାପାଳ କଟକ,ଉପଜିଲ୍ଲାପାଳ କଟକ, ବିଡ଼ିଓ ନିଷିଦ୍ଧକୋଇଲି ଓ ତହସିଲଦାର ନିଷିଦ୍ଧକୋଇଲିକୁ ପ୍ରଦାନ କରିଥିଲେ। ପ୍ରଶାସନ ପକ୍ଷରୁ ଭାଙ୍ଗ ଘଟଣାକୁ ଗୁରୁତର ସହ ନେଇ ଗୋଖରା ଷ୍ଟାଡ଼ିୟମ୍ (ଶ୍ରୀ ଅଚ୍ୟୁତାନନ୍ଦ ମିନି ଷ୍ଟାଡ଼ିୟମ)ର ଗମ୍ଭୀରତେଷଣ ଓ ଭଲ ଷ୍ଟାଡ଼ିୟମ୍‌କୁ ମହାବିଦ୍ୟାଳୟ କ୍ରୀଡ଼ା ଏବଂ ଅନ୍ୟାନ୍ୟ କାର୍ଯ୍ୟକ୍ରମ କରିବା ପାଇଁ ଦାୟିତ୍ୱ ନିଷିଦ୍ଧକୋଇଲି ପଞ୍ଚାୟତ ସମିତି ପକ୍ଷରୁ ଚିଠି ନଂ-୯୩୮, ତା.୧୬.୦୩.୨୦୨୬ ରିଖରେ ମହାପୁରୁଷ ଅଚ୍ୟୁତାନନ୍ଦ ମହାବିଦ୍ୟାଳୟ ନେମାଳର ଅଧ୍ୟକ୍ଷଙ୍କୁ ତାଲା ଚାବି ପ୍ରଦାନ କରିବା ସହ ଦାୟିତ୍ୱ ପ୍ରଦାନ କରିଛନ୍ତି । ଦୀର୍ଘ ଦିନ ପରେ ଷ୍ଟାଡ଼ିୟମଟି ପ୍ରଶାସନ ପକ୍ଷରୁ ମହାବିଦ୍ୟାଳୟକୁ ପ୍ରଦାନ କରାଯାଇଥିବାରୁ ମହାବିଦ୍ୟାଳୟର ସମସ୍ତ ପୂର୍ବତନ ଛାତ୍ର ସଂସଦ ସଭାପତି, ସମ୍ପାଦକ,ଅନ୍ୟାନ୍ୟ ସାଂଗଠନିକ ପଦ ପଦବୀଧାରୀ, ପୂର୍ବତନ ଛାତ୍ର ଛାତ୍ରୀ ଓ ବର୍ତ୍ତମାନର ଛାତ୍ରଛାତ୍ରୀମାନେ କୃତଜ୍ଞତା ଜଣାଇଛନ୍ତି ।

ଜନତା ସରକାରୀ ଉଚ୍চ ବିଦ୍ୟାଳୟ, ରୁଗୁଡ଼ାକୁ ବିଶ୍ୱବନ ପୁରସ୍କାର

ବଣାଇଁ, ୨୨/୦୩ (ଆ.ପ୍ର) : ଓଡ଼ିଶା ସରକାରଙ୍କ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ତରଫରୁ ସୁନ୍ଦରଗଡ ଜିଲ୍ଲା ସ୍ତରୀୟ ବିଶ୍ୱ ବନ ଦିବସ ପାଳନ ଅବସରରେ ବଣାଇଁ ବ୍ଲକ ଅନ୍ତର୍ଗତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ରୁଗୁଡ଼ାକୁ ବିଶ୍ୱବନ ପୁରସ୍କାର ୨୦୨୬ ପ୍ରମାଣ ପତ୍ର ସହ ଦଶ ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଛି । ଏହି ପୁରସ୍କାରକୁ ସୁନ୍ଦରଗଡ ଜିଲ୍ଲା ବନବିଭାଗ ଅଧିକାରୀ ମିରାଜ୍ ପି.ଦେବଦାସ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମୁରଲୀଧର ବାଙ୍କଙ୍କୁ ବିଶ୍ୱ ବନଦିବସ ପାଳନ ଅବସରରେ ପ୍ରଦାନ କରିଥିଲେ । ଏହି ସଫଳତା ପାଇଁ ପ୍ରଧାନ ଶିକ୍ଷକ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟ ରୁଗୁଡ଼ାର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ ଛାତ୍ର ଛାତ୍ରୀଙ୍କ ପରିବେଶ ସୁରକ୍ଷା ତଥା ବୃକ୍ଷରୋପଣ ପ୍ରତି ଥିବା ବିଶେଷ ଅନୁରାଗିତ୍ୱ ତଥା ବଣାଲ ଜଙ୍ଗଲ ବନବିଭାଗର ସହଯୋଗ ପାଇଁ ବିଶେଷ କୃତଜ୍ଞତା ଜ୍ଞାପନ କରିଥିଲେ ।

ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ ଅନୁଷ୍ଠିତ

ଦଶପଲ୍ଲା, ୨୨/୦୩ (ଆ.ପ୍ର) : ଦ ଶ ପ ଲ୍ଲା ।ଏନଏସି ମଣ୍ଡଳ

ଅନ୍ତର୍ଗତ ବିଜେପି କାର୍ଯ୍ୟାଳୟ ପରିସରରେ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ରାଜ୍ୟ ଓ ଜିଲ୍ଲା ସ୍ତରର ପଦାଧିକାରୀମାନେ ଯୋଗଦେଇ ବୁଥ ସ୍ତରୀୟ କାର୍ଯ୍ୟକର୍ତ୍ତାଙ୍କୁ ସଂଗଠନ ମଜବୁତ କରିବା ସହିତ ବଳୀୟ କାର୍ଯ୍ୟପ୍ରଣାଳୀ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମରେ ବୁଥ ସ୍ତରରେ ଜିପରି କାର୍ଯ୍ୟକଳାପ ସକ୍ରିୟ କରାଯିବ ଓ ଲୋକସମ୍ପର୍କ କିପରି ବୃଦ୍ଧି କରାଯିବ, ସେଥିପ୍ରତି ବିସ୍ତୃତ ଆଲୋଚନା କରାଯାଇଥିଲା । ଏହି ପ୍ରଶିକ୍ଷଣ ଶିବିରରେ ଅନେକ ଗ୍ରାମୀଣ କାର୍ଯ୍ୟକର୍ତ୍ତାଙ୍କ ସକ୍ରିୟ ଉପସ୍ଥିତି ଦେଖିବାକୁ ମିଳିଥିଲା ।

ଯାଦବ ଭବନ ନିର୍ମାଣ ଦାବି କଲା ଯାଦବ ମହାସଭା

ଜଗତସିଂହପୁର, ୨୨/୦୩ (ଆ.ପ୍ର) : ଯାଦବ ଜାତି ଏକ ଶ୍ରେଷ୍ଠ ଜାତି । ଭଗବାନ ଶ୍ରୀକୃଷ୍ଣ ଏହି କୁଳରେ ଜନ୍ମ ଲାଭ କରିଥିଲେ । ଯାଦବ ମାନେ ନିଜ ଅଧିକାର ପ୍ରତି ସଚେତନ ହେବା ଆବଶ୍ୟକ । ଏଥିପାଇଁ ଆମକୁ ସଙ୍ଗଠିତ ହେବାକୁ ପଡିବ । ମୋଟ ଜନସଂଖ୍ୟାର ପାଖାପାଖି ପ୍ରତିଶତ ଯାଦବ ଓଡ଼ିଶାରେ ବସବାସ କରନ୍ତି । ଜଗତସିଂହପୁର ଜିଲ୍ଲାରେ ମଧ୍ୟ ଆମର ସଂଖ୍ୟା ଅନ୍ୟମାନଙ୍କ ତୁଳନାରେ ସର୍ବାଧିକ । ତେଣୁ ଆମକୁ ଏବେ ଏକାଠି ହେବାର ସମୟ ଆସିଛି ବୋଲି ରବିବାର ଅନୁଷ୍ଠିତ ଦ୍ୱିତୀୟ ଜିଲ୍ଲା ସ୍ତରୀୟ ଯାଦବ ସମାବେଶ ଓ ଲଉଡ଼ି ମହୋତ୍ସବରେ ଅତିଥି ମାନେ ମତପ୍ରକାଶ କରିଛନ୍ତି । ଜଗତସିଂହପୁର ଜିଲ୍ଲା ଯାଦବ ମହାସଭା ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ଜଗତସିଂହପୁର ଜିଲ୍ଲା ଯୁବ ଯାଦବ ମହାସଭାର ସଭାପତି ଆଇନଜୀବୀ ନରେଶ ଦାସ ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ନେତା ଅଶ୍ୱିନୀ କୁମାର ଦାସ, ଯାଦବ ନେତା ଚିତରଞ୍ଜନ କଂସ, ପାଣ୍ଡବ କୁମାର ପ୍ରଧାନ, ନେମାଳ ଯାଦବ ମହାସଭାର ଉପସଭାପତି କଳିକ ଚନ୍ଦ୍ର ଦାସ, ଯାଦବ ନେତା ରବିନ୍ଦ୍ର କୁମାର ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଅତିଥି ମାନେ ଜଗତସିଂହପୁର ଜିଲ୍ଲାରେ ଗୋରେ ଜମିର ସୁରକ୍ଷା ଓ ଗୋପାଳକ ମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିବା ସହିତ ଏହାର ସମାଧାନ ପାଇଁ ସରକାରଙ୍କୁ ପ୍ରସ୍ତାବ ଦେବାପାଇଁ ମତ ଦେଇଥିଲେ । ଜଗତସିଂହପୁର ଜିଲ୍ଲା ସଦରମହକୁମାରେ ଗୋଟିଏ ଯାଦବ ଭବନ ନିର୍ମାଣ କରିବା ପାଇଁ ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କରିବା ପାଇଁ ବୈଠକରେ ମତପ୍ରକାଶ ପାଉଥିଲା । ଯୁବ ଯାଦବ ମହାସଭାର ସଂପାଦକ ସୁଜାତ କୁମାର ଦାସ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏହି ଅବସରରେ ଜିଲ୍ଲାର ବିଭିନ୍ନ

ଦୈନିକ
ଆରମ୍ଭ
SEITHO ARAMBHA
ସୋମବାର, ୨୩ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୭

ସ୍ୱାକ୍ ତରଫରୁ ବିଶ୍ୱ ବନ ଦିବସ ଓ ବିଶ୍ୱ ଜଳ ଦିବସ ସପ୍ତାହ ପାଳିତ

ଜି.ଉଦୟଗିରି, ୨୨/୦୩ (ଆ.ପ୍ର) : ଗ୍ରେସିଙ୍ଗିଆ ପଂଚାୟତ ଶାଳ ବଣ ଠାରେ ସ୍ୱାକ ସଂଗଠନ ତରଫରୁ ଯୁଥ୍ ଫର୍ ୱାଟର ସୁଥ ଓ ଅନ୍ତଜାତୀୟ ସହଯୋଗରେ ବିଶ୍ୱ ବନଦିବସ ଓ ବିଶ୍ୱ ଜଳ ଦିବସ ସପ୍ତାହ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ସରପଂଚ ଡ଼ିଝିଥି ପ୍ରଧାନ ଯୋଗ ଦେଇଥିବା ବେଳେ ବନାଂଚଳ ଅଧିକାରୀ ମାଶିଲେଶ୍ୱରୀ ପଟ୍ଟନାୟକ, ବରିଷ୍ଠ ସାମାଜିକ ତଥା ସ୍ୱାକର ପରାମର୍ଶ ଦାତା ସମିର କୁମାର ପାତ୍ରୀ, ବନରକ୍ଷକ ପ୍ରଶାନ୍ତ ସାହୁ, ସଭାପତି ଅମନ ଚନ୍ଦ୍ର ନାୟକ, ଏମ.ଡି.କେ ତପସ୍ୱିନୀ ପ୍ରଧାନ ଯୋଗ ଦେଇଥିଲେ । ବର୍ତମାନ ଜଳବାୟୁ ପରିବର୍ତନକୁ ଦୃଷ୍ଟିରେ ରଖି ଜଙ୍ଗଲ ସୁରକ୍ଷା,ବହୁ ମାତ୍ରାରେ ବୃକ୍ଷରୋପଣ, ବାଜୀଗ୍ରୀ ନିରାକରଣ, ଜଳ ସଙ୍କଟ ଦୂର କରିବା ପାଇଁ ବର୍ଷା

ଜଳ ସଂରକ୍ଷଣ, ପ୍ରାକୃତିକ ଜଳ ସଂସ୍ଥ, ବିଶ୍ୱତାପ ନିୟନ୍ତ୍ରଣ ପାଇଁ ଗୁରୁତ୍ୱ ଦେଇ ସଚେତନ ସୃଷ୍ଟି କରିବା ଏହାର ମୂଳ ଉଦ୍ଦେଶ୍ୟ । ଜଙ୍ଗଲ, ଅର୍ଥନୀତି, ଜଳ ଓ ଲିଙ୍ଗ ସମାନତା ସହିତ ଜଳବାୟୁ ପରିବର୍ତନ ନିୟନ୍ତ୍ରଣ ପାଇଁ ଯୁବପିଢ଼ିଙ୍କୁ ସ୍ୱରୋତନନ ପାଇଁ ଗୁରୁତ୍ୱ ଦିଆଯାଇଛି । ବୃଣମୂଳ ସ୍ତରରୁ ଏହି ସାମାଜିକ ସଚେତନ କାର୍ଯ୍ୟକ୍ରମ ବ୍ୟାପକ କରିବା ପାଇଁ ସ୍ୱାକ ସଂଗଠନ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଅଂଚଳର ମହିଳା, ସିଆର୍‌ପି, ସ୍ୱାର୍ଟ ମେମ୍ବର, ଯୋଗାଣ ସହାୟକଙ୍କ ସମେତ ଯୁବ ପିଢ଼ି ସାମିଲ ହୋଇଥିଲେ । ସ୍ଥାନୀୟ ବୁଦ୍ଧିଜୀବୀ ପ୍ରଧାନ ଏହି ଦିବସ ପାଳନ ର ମୁଖ୍ୟ ଉଦ୍ଦେଶ୍ୟ ବିଶ୍ଳେଷଣ ଅବଗତ କରିଥିଲେ । କାର୍ଯ୍ୟକ୍ରମକୁ ସଂଗଠନର ସହ ସ୍ଥାନୀୟ ସଙ୍ଗୀତ ବିଗାଲ ପରିଚାଳନା କରିଥିବା ବେଳେ ଏବଂ ଉପ ସଭାନେତ୍ରୀ ସସ୍ମିତା ମଲ୍ଲିକ ଧନ୍ୟବାଦ ଦେଇଥିବା ବେଳେ ମିନାକ୍ଷୀ ପ୍ରଧାନ ସହଯୋଗ କରିଥିଲେ ।

ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ଇଦ୍-ଉଲ-ଫିତର ପାଳିତ

ନିଶ୍ଚିନ୍ତକୋଇଲି, ୨୨/୦୩ (ଆ.ପ୍ର) : ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ରହିଥିବା ସମସ୍ତ ଇଦ୍‌ଗାରେ ଇଦ୍-ଉଲ-ଫିତର ପର୍ବ ଆନନ୍ଦ ଉଲ୍ଲାସର ସହିତ ପାଳିତ ହୋଇଯାଇଛି । ସେହିପରି ଭାବେ ଜଜଙ୍କ ଜିଲ୍ଲା ନିଶ୍ଚିନ୍ତକୋଇଲି ବ୍ଲକ ଜୟରାମପୁର ପଞ୍ଚାୟତ ତଦବିଗ୍‌ନଗର ଠାରେ ଥିବା ଜାମିଆ ଇସଲାମିଆ ମଜିଲ୍ଲା ଉଲ୍ଲମ ଗୁଲ୍ଜାର ଆନୁକୁଲ୍ୟରେ କାଜିହାଟ ଇଦ୍‌ଗାରେ ଆନନ୍ଦ ଉଲ୍ଲାସର ସହିତ ଲାଟେଗାର ପର୍ବ ଇଦ୍-ଉଲ-ଫିତର ପାଳିତ ହୋଇଛି । ଏହି କାର୍ଯ୍ୟକ୍ରମରେ ୪୨ଟି ମହଲାରୁ ୨୦ଜଣାରୁ ଊର୍ଦ୍ଧ୍ୱ ଇସଲାମ ଧର୍ମାବଲମ୍ବୀ ମାନେ ଆସି ସମ୍ମିଳନୀକ ସାମିଲ ହୋଇଛନ୍ତି । ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଧର୍ମ ଗୁରୁ ମୌଲାନା ସୟଦ୍ ନଜିବୁଲ ଅମିନ ବର୍ଦ୍ଧି ୧ଘଣ୍ଟା କାଳ ଇସଲାମ ଧର୍ମର କୋରାନରେ ଲିପିବଦ୍ଧ ହୋଇଥିବା ଇଦ୍-ଉଲ-ଫିତର ପର୍ବ ପାଳନର ଆଭିମୁଖ୍ୟ ସଂଚାରରେ ଆଲୋଚନା କରିଥିଲେ । ଏହି ପର୍ବରେ ବିଗତ ୧ମାସ ହେବ ଇସଲାମ ଧର୍ମାବଲମ୍ବୀ ମାନେ ନିଶ୍ଚାର ସହିତ ଉପବାସ ରଖିଥିଲା

ବେଳେ ଓସାର ଶେଷ ଦିନରେ ଚାନ୍ଦ ଦେଖିବା ପରେ ମୁସଲମାନ ମାନେ ଏହି ପର୍ବକୁ ପାଳିଥିଲେ । ସାମ୍ପ୍ରଦାୟିକ ଭେଦଭାବ ଠାରୁ ଦୂରରେ ରହି ସମାଜରେ କିଭଳି ଏକତା, ସଦ୍‌ଭାବନା, ଭାଉଁଭାଇ ସୃଷ୍ଟି ହେବ ସେଥିପାଇଁ ଇଦ୍‌ଗାହ ଜାରି ରଖିବା ଏବଂ ବଢ଼ିବ୍ ଶ୍ରେଣୀର ଲୋକମାନଙ୍କ ପାଇଁ ପ୍ରତ୍ୟେକ ବ୍ୟକ୍ତି ନିଶ୍ଚାର ସହିତ ତ୍ୟାଗ କରିବା ନିମନ୍ତେ ଆଲ୍ଲାଙ୍କୁ ପ୍ରାର୍ଥନା କରି ସମ୍ମୁଖ ନମାଜ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜଜମୁଲ ଇସଲାମ, ସୟଦ୍ ନୟଜ ଫାଏଜ୍, ମୌଲାନା ଅଂଜର ନଜି,ହଫିଜ ନଣ୍ଡାଲ ସାହେବ,ସେକ୍ ମହବବ ଜଲିମୁଲ୍ଲା ଆଜାଦ୍, ମୌଲାନା ଅଜଗର ହୁସେନ ଖାଁ,ସୟଦ ଅଲ୍ଲା ଅସରଫଙ୍କ ସମେତ ବହୁ ଇସଲାମ୍ ଧର୍ମାବଲମ୍ବୀ ମାନେ ଯୋଗଦାନ କରି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଜଂଗ୍ରେସ ସଭାପତି ପ୍ରକିଶ୍ରୁ ଦାସ, ଅନିମା କର ଶରଡ ଜର ପାଇଶ୍ଚେସନ ଅଧକ୍ଷ ଶୋଭନ କର, ପୂର୍ବତନ ଶାସନ ସଚିବ ବିଜୟ ପଟ୍ଟନାୟକ, ପୂର୍ବତନ ସମିତିସଭ୍ୟ ରମେଶ ଚନ୍ଦ୍ର ସ୍ୱାଇଁ, ପ୍ରାଣକୃଷ୍ଣ ସେଠାଙ୍କ ସମେତ ବହୁ ଜନପ୍ରତିନିଧି ଓ ନେତୃବୃନ୍ଦ ଯୋଗ ଦେଇ ଇସଲାମ ଧର୍ମାଲମ୍ବୀ ଭାଇମାନଙ୍କୁ ଇଦ୍ ମୁବାରକ ଜଣାଇଥିଲେ । ସେହିପରି ଭାବେ ବାହାନଦପୁର ମନ୍ଦାରା, ଅସୁରେଶ୍ୱର କୁଜୁଳିପଡ଼ା, ଦାଲବପୁର, ନେମାଳ, ଝାଡ଼େଶ୍ୱରପୁର, ସୁନ୍ଦରପଡ଼ା ଆଦି ସମସ୍ତ ମହାଗାରେ ଇଦ-ଉଲ-ଫିତର ପର୍ବ ପାଳିତ ହୋଇଯାଇଛି ।

ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ୨୦୨୬ ପାଳିତ

ଜଗତସିଂହପୁର, ୨୨/୦୩ (ଆ.ପ୍ର) : ଜିଲ୍ଲା ପ୍ରଶାସନ ଓ ବୈଧମାପ ବିଜ୍ଞାନ ବିଭାଗ ତରଫରୁ ବିଶ୍ୱ ଉପଭୋକ୍ତା ଅଧିକାର ଦିବସ ୨୦୨୬ ଉପଲକ୍ଷେ ଏକ ଖାଉଟି ସଚେତନତା କାର୍ଯ୍ୟକ୍ରମ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହ ପରିସରରେ ପାଳିତ ହୋଇ ଯାଇ ଅଛି । ଅତିରିକ୍ତ ଜିଲ୍ଲାପାଳ, ଜଗତସିଂହପୁର ଧନେଶ୍ୱରୀ ନାୟକ ଏବଂ ଜିଲ୍ଲା ଯୁଗ୍ମ ନିୟନ୍ତ୍ରକ ବୈଧମାପ ବିଜ୍ଞାନ ଗୌରାଙ୍ଗ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଖାଉଟି ସଚେତନତା ବିଷୟରେ ଆଲୋଚନା କରିଥିଲେ । ଏହି ଜିଲ୍ଲାଖାଉଟି ବିବାଦ ସମାଧାନ ଆୟୋଗର ସଭାପତି ପ୍ରଭାତ କୁମାର ପାତ୍ରୀ, ସ୍ଥାନୀୟ ଅତିଥି ଭାବରେ ଜିଲ୍ଲା ଯୋଗାଣ ଅଧିକାରୀ ଜିତୁୟାଲ ଚରଣ ଦୁଦ୍ଧ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପ୍ରତିଭା ତନୟା ମାହାନ୍ତି, ସିଡିପିଓ, ଜଗତସିଂହପୁର ଧନେଶ୍ୱରୀ ନାୟକ ଏବଂ ଜିଲ୍ଲା ଯୁଗ୍ମ ନିୟନ୍ତ୍ରକ ବୈଧମାପ ବିଜ୍ଞାନ ଗୌରାଙ୍ଗ ଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଖାଉଟି ସଚେତନତା ବିଷୟରେ ଆଲୋଚନା କରିଥିଲେ । ଏହି କୌତୁକରେ ବୈଧମାପ ବିଜ୍ଞାନ ବିଭାଗର ଯୁଗ୍ମ ନିୟନ୍ତ୍ରକ ଗୌରାଙ୍ଗ ଚନ୍ଦ୍ର ଜେନା, ତାଙ୍କ କାର୍ଯ୍ୟାଳୟର କର୍ମଚାରୀଙ୍କ ସହଯୋଗରେ ଡେମୋନଷ୍ଟ୍ରେସନ ମାଧ୍ୟମରେ ଖାଉଟି କିପରି ଠକାମିରୁ ବଂଚିତ ହୋଇପାରିବେ ସେ ସମ୍ପର୍କରେ ଆଲୋଚନାପାତ କରିଥିଲେ । ଏଥିରେ ବିଭିନ୍ନ ବର୍ଗର ଜନସାଧାରଣ ଯୋଗଦେଇଥିଲେ । ପରିଶେଷରେ ବିବେକାନନ୍ଦ ରାଉତ, ନିଗୀଶଙ୍କ ଜଗତସିଂହପୁର ଧନ୍ୟବାଦ ଅର୍ପଣ କରିଥିଲେ ।

ଶିଶୁ ବାଟିକା ଏବଂ ପ୍ରଥମ ଶ୍ରେଣୀରେ ନାମ ଲେଖାଇବାକୁ ଥିବା ଛାତ୍ରଛାତ୍ରୀଙ୍କୁ ପ୍ରବେଶ ଉତ୍ସବ ଓ ଖଡ଼ିଛୁଆ କାର୍ଯ୍ୟକ୍ରମ

ନବରଙ୍ଗପୁର, ୨୨/୦୩ (ଆ.ପ୍ର) : ସ୍କୁଲ ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଏବଂ ନବରଙ୍ଗପୁର ବିଧାୟକ ଗୌରିଶଙ୍କର ମାଝୀ ନବରଙ୍ଗପୁର ବ୍ଲକର ପାଞ୍ଚନାଗୁଡ଼ା ଗ୍ରାମ ଏବଂ ଚେନ୍ନୁଳୀଖୁଣ୍ଟି ବ୍ଲକର ଅଂଚଳଗୁମା ଗ୍ରାମର ଶିଶୁ ବାଟିକା ଓ ପ୍ରଥମ ଶ୍ରେଣୀରେ ନାମଲେଖାଇବାକୁ ଥିବା ଯୋଗ୍ୟ ଛାତ୍ରଛାତ୍ରୀମାନଙ୍କ ଅଭିଭାବକ ମାନଙ୍କୁ ଅପ୍ରେଲ ୨ରେ ଅନୁଷ୍ଠିତ ହେବାକୁ ଥିବା "ପ୍ରବେଶ ଉତ୍ସବ

ଓ ଖଡ଼ିଛୁଆ" ରେ ଯୋଗଦାନ କରିବାପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ସ୍ୱାକ୍ଷରିତ ନିମନ୍ତ୍ରଣ ପତ୍ର ପ୍ରଦାନ କରିଛନ୍ତି । ଏହି ନିମନ୍ତ୍ରଣ ପତ୍ର ପ୍ରଦାନ କରିବା ସମୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରକାଶ ଚନ୍ଦ୍ର ମହାଳିକ, ଚେନ୍ନୁଳୀଖୁଣ୍ଟି ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୁଡୀମ୍ବ ଦାଶ, କୁଷ୍ଣରେଡ ସିଆରସିସି ଏବଂ ସ୍କୁଲର ପ୍ରଧାନ ଶିକ୍ଷକ ଏବଂ ଶିକ୍ଷକ ଓ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ଥିଲେ ।

ଛୋଟାଗୁଡା ଗ୍ରାମ ଠାରେ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ

ନବରଙ୍ଗପୁର, ୨୨/୦୩ (ଆ.ପ୍ର) : ନବରଙ୍ଗପୁର ପାପଡାହାଣ୍ଡି ବ୍ଲକ ମୈଳଲପୁର ନିକଟ ଛୋଟାଗୁଡା ଗ୍ରାମ ଠାରେ ତା ୨୦/୦୩/୨୦୨୬ ରିଖ ଶୁକ୍ରବାର ଠାରୁ ତା ୨୨/୦୩/୨୦୨୬ ରିଖ ରବିବାର ପର୍ଯ୍ୟନ୍ତ ତିନି ଦିନ ବ୍ୟାପି ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହେଉଅଛି । ନାମଯଜ୍ଞର ପ୍ରଥମ ଦିନର ଅଧିବେଶରେ ଗ୍ରାମର ପୁରୁଷ ଓ ମହିଳାମାନେ ମିଳିତ ହୋଇ ନିଜସ୍ୱ ପଖରିରୁ ପାଣି ଭରାଇ ୧୦୮ କଳସ ଉଠେଇ ଗ୍ରାମ ପରିକ୍ରମା କରି ଅଷ୍ଟପ୍ରହରୀ ନାମଯଜ୍ଞ ସ୍ଥଳରେ ପହଂଚି କଳସ ସ୍ଥାପନ କରାଯାଇଥିଲା । ଏହି ନାମ ଯଜ୍ଞରେ ଗୁରୁ ଶ୍ରୀ ସତ୍ୟନାରାୟଣ ତରାସ୍ୱାଙ୍କ ଦ୍ୱାରା ନାମଯଜ୍ଞ ଭୂମିପୂଜା, ସୂର୍ଯ୍ୟ ପୂଜା, ଜଳବହାନ, ଅଗ୍ନିପୂଜା, ନାମଯଜ୍ଞ ଆଦି ସମସ୍ତ ପ୍ରକାର ମାଙ୍ଗଳିକ କାର୍ଯ୍ୟ ଯଥାବିଧି ଓ ନିତିକାନ୍ତି ଅନୁଯାୟୀ କରାଯାଇଥିଲା । ଏହି ନାମ ଯଜ୍ଞ

ରେ ଅଗ୍ରୁଣ ବଜପତି, ହରେନ ନାୟକ, ଗମ୍ଭୀର ବଜପତି, ବଜରାମ ବଜପତି, ମହେଶ୍ୱର ପାତ୍ର, ଦୁର୍ଯୋଧନ ପାତ୍ର, ଗାଲୁକ ପାତ୍ର, ସବାଶିବ ପାତ୍ର, ଗୋପିନ ବଜପତି, ଅର୍ଜୁନ ପୁଜାରୀ, ନିର୍ମଳ ବଜପତି, ନିର ମାଝୀ, ଗୋପୀ ବଜପତି, ପ୍ରସାଦ ପାଲକ ଏବଂ ଗ୍ରାମର ଛୋଟ ବଡ଼ ସମସ୍ତେ ମିଶି ସହୋଦ୍ୟମ କରିଥିଲେ । ମୁଖ୍ୟ ସହଯୋଗୀ ମେରେଇ ଗ୍ରାମର ଶ୍ରୀ ତ୍ରିନାଥ ଶକ୍ତିତର୍ଣ ମଣ୍ଡଳୀ ଓ ଜେମା ପାତ୍ର ଏହା ସହିତ ଛୋଟାଗୁଡା, ବାଗନାଗୁଡ଼ା ଗଣ୍ଡଛଡା, ଗୁମିଦୋରା, ଟିମନପୁର, ମହେନ୍ଦ୍ରି, ଗୋପିଗୁଡା, କଦମଗୁଡା, ମେରେଇ, ଖୁଣ୍ଟୁଗୁଡା, ପାତ୍ରପୁଟ ପ୍ରଭୃତି ଗ୍ରାମରୁ ଆସିଥିବା ନାମ ସଂକୀର୍ତନ ମଣ୍ଡଳୀଙ୍କ ଦ୍ୱାରା ନାମଯଜ୍ଞ ପରିବେଶଣ ଯୋଗୁଁ ଗ୍ରାମରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ଅଷ୍ଟପ୍ରହରୀ ନାମ ଯଜ୍ଞ କୁ ଉପଭୋଗ କରିବା ନିମନ୍ତେ ଅଖପାଖ ଅଂଚଳର ବହୁ ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ପାଇଁ ପ୍ରସାଦସେବନ ର ବ୍ୟବସ୍ଥା କରାଯାଇଥିଲା ।

ହାତଡ଼ିହି ବ୍ଲକରେ ଡିଏମଏଫ୍ ଉଦ୍ୟମୀ ସଚେତନତା ରଥ ଶୁଭାରମ୍ଭ

ହାତଦିହି, ୨୧/୦୩ (ଆ.ପ୍ର) : ଡିଏମଏଫ୍-ଉଦ୍ୟମୀ ସଚେତନତା ରଥକୁ ବ୍ଲକରେ ଉଦ୍ୟମୀତାକୁ ପ୍ରୋତ୍ସାହନ ଦେବା ସହିତ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ହାତଦିହି ବ୍ଲକ ଅଫିସ ପ୍ରାଙ୍ଗଣରୁ ଶୁଭାରମ୍ଭ କରାଯାଇଛି । ଏହି ରଥକୁ ହାତଦିହି ବ୍ଲକର ବିଡିଓ ରଞ୍ଜନ କୁମାର ପରିଡାଙ୍କ ନେତୃତ୍ୱରେ ଉତ୍ତାହନ କରାଯାଇଥିଲା । ଏହି ଅବସରରେ ତଖଗ ଅଧିକାରୀ ବିଶ୍ୱଭୂଷଣ କର, ଓ ଅମ୍ବାନ ବ୍ଲକ ଅଧିକାରୀ ଏବଂ EDII ଅନୁଷ୍ଠାନ ପକ୍ଷରୁ କାର୍ଯ୍ୟରତ ନିହାର ଦାସ, ସତ୍ୟବ୍ରତ ଜେନା (ଉଦ୍ୟମୀ ସାଥୀ) ଓ ସୁଭାଷ୍ରୀ ବାଲିଅରସିଂହ (ଉଦ୍ୟମୀ ସାଥୀ) ଉପସ୍ଥିତ ଥିଲେ । ଏହି ସଚେତନତା ରଥ ମାଧ୍ୟମରେ



ସ୍ୱୟଂରୋଜଗାର ସୁଯୋଗ, ବିଜିନ୍ସ ସରକାରୀ ଯୋଜନା ଓ ଆର୍ଥିକ ସହାୟତା ବିଷୟରେ ଲୋକମାନଙ୍କୁ ସୂଚନା ପ୍ରଦାନ କରାଯାଉଛି । ବିଶେଷକରି ଗ୍ରାମୀଣ ଯୁବପିଢିଙ୍କୁ ନିଜସ୍ୱ ଉଦ୍ୟମ ଆରମ୍ଭ କରିବା ପାଇଁ ପ୍ରେରିତ କରାଯାଇଛି । ଡିଏମଏଫ୍-ଉଦ୍ୟମୀ କାର୍ଯ୍ୟକ୍ରମ, ଯାହାକି ଉତ୍ତରଓ ଦ୍ୱାରା କାର୍ଯ୍ୟନୁସନ ହେଉଛି, ଏହାର ପ୍ରମୁଖ ଲକ୍ଷ୍ୟ ନୂତନ ଉଦ୍ୟମ ସୃଷ୍ଟି କରିବା ସହିତ ଗ୍ରାମୀଣ ଅର୍ଥନୀତିକୁ ସଶକ୍ତ କରିବା ଓ ନିଯୁକ୍ତି ସୃଷ୍ଟି କରିବା ଅଟେ । ଏହି ପ୍ରୟାସ ଦ୍ୱାରା ଅଂଚଳରେ ଉଦ୍ୟମିତାର ଉନ୍ନତି ସହିତ ଯୁବକମାନଙ୍କ ପାଇଁ ନୂତନ ସୁଯୋଗ ସୃଷ୍ଟି ହେବ ବୋଲି ଆଶା ।

ମାହାଙ୍ଗାର ମଧ୍ୟାହ୍ନଭୋଜନ ନାମରେ ହରିଲୁଟ

ମାହାଙ୍ଗା, ୨୨/୦୩ (ଆ.ପ୍ର) : ମାହାଙ୍ଗାରେ ବିଜିନ୍ସ ବିଦ୍ୟାଳୟରେ ବାର୍ଷିକ ପରୀକ୍ଷା ଶେଷ ହୋଇଛି । ଯାହାପଛରେ ବିଦ୍ୟାଳୟ ଗୁଡିକକୁ ଅନେକ ଛାତ୍ରଛାତ୍ରୀମାନେ ଆସୁନାହାନ୍ତି । ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ଉପସ୍ଥାପନ କମିଥିଲା ବେଳେ ମଧ୍ୟାହ୍ନଭୋଜନ ତଥ୍ୟରେ ଛାତ୍ରଛାତ୍ରୀଙ୍କ ସଂଖ୍ୟା ସଂପୂର୍ଣ୍ଣ ବର୍ଣ୍ଣାଇ ମଧ୍ୟାହ୍ନଭୋଜନ ନାମରେ ହରିଲୁଟି ଚାଲିଥିବା ଅଭିଯୋଗ ସାଧାରଣରେ ଶୁଣିବାକୁ ମିଳୁଛି । ଏଠାରେ ସୂଚନାଯୋଗ୍ୟ ଯେ ଯଜ୍ଞପୁର ଜୁଡ଼ି ରୋପବନ୍ଧୁ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ୧୮ଜଣ ପିଲାଙ୍କ ପାଇଁ ମଧ୍ୟାହ୍ନଭୋଜନକୁ ନେଇ ବିଦ୍ୟାଳୟର ପ୍ରଧାନଶିକ୍ଷକଙ୍କୁ ବିଭିନ୍ନ କାର୍ଯ୍ୟାଳୟ ପକ୍ଷରୁ ଜିଲାସନ କରାଯାଇଥିଲା । ବର୍ତ୍ତମାନ ଦେଖିବାକୁ ମିଳୁଛି ବିଦ୍ୟାଳୟରେ ଛାତ୍ରଛାତ୍ରୀ ଉପସ୍ଥାପନ ନଥାଇ ବି ମଧ୍ୟାହ୍ନଭୋଜନ ପ୍ରଦାନରେ ଛାତ୍ରଛାତ୍ରୀମାନଙ୍କ ସଂଖ୍ୟା ପୂର୍ଣ୍ଣ ଦର୍ଶାଇ ଖାଦ୍ୟ ହରିଲୁଟ କରାଯାଉଛି । ଏଠାରେ ସୂଚନା ଯୋଗ୍ୟ ଯେ ବିଦ୍ୟାଳୟକୁ ପ୍ରଦାନ କରାଯାଉଥିବା ମଧ୍ୟାହ୍ନଭୋଜନ ଚାଉଳ ବସ୍ତାରେ ଠିକାଦାର ଶ୍ରୀ ଜେକି ଚାଉଳ କମ୍ ପ୍ରଦାନ କରୁଥିବା ଅଭିଯୋଗ ଦୀର୍ଘଦିନଧରି ହୋଇଆସୁଅଛି । ସେଥିପ୍ରତି ଶିକ୍ଷାବିଭାଗ ଦୃଷ୍ଟି ଦେଉନାହିଁ । ଅପରପକ୍ଷରେ କେତେକ ଶିକ୍ଷକ ନିଜ ନାମ ଗୋପନ ରଖି ସୂଚନା ଦେଇଛନ୍ତି ଯେ ବ୍ଲକସ୍ତରୀୟ ବିଜ୍ଞାନମେଳା ସମୟରେ ଓ ଯୁକ୍ତି ପ୍ରଦାନ ସମୟରେ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟକୁ ଅର୍ଥ ଦେବାକୁ ପଡୁଛି । ସେ ଅର୍ଥ ଆସିବ କେଉଁଠୁ ? ତେବେ ମାହାଙ୍ଗା ବ୍ଲକରେ ମଧ୍ୟାହ୍ନଭୋଜନ ଦାୟିତ୍ୱରେ ଥିବା ଅଧିକାରୀଣୀ ଏ ସଂପର୍କରେ କେବେ ତଦନ୍ତ କରିଛନ୍ତି କି ? ବର୍ତ୍ତମାନ ଜିଲାନି ଭାବରେ ବିଦ୍ୟାଳୟ ଗୁଡିକରେ ମଧ୍ୟାହ୍ନଭୋଜନ କାର୍ଯ୍ୟକ୍ରମ ଚାଲିଛି ଏଥିରେ ଯେଉଁମାନେ ଖିଲାପ କରୁଛନ୍ତି ସେମାନଙ୍କ ବିରୁଦ୍ଧରେ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ତରଫରୁ କି କି ପ୍ରକାର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି । ପୂର୍ବ ସରକାରଙ୍କ ସମୟରେ ମାହାଙ୍ଗାରେ ଶିକ୍ଷା ବ୍ୟବସ୍ଥାରେ ଯେଉଁ ଭଳି ଅବ୍ୟବସ୍ଥା ଚାଲିଥିଲା ବର୍ତ୍ତମାନ ବି ସେହିଭଳି ଚାଲିଛି ବୋଲି ଅଭିଯୋଗ ହେଉଛି । ଏଣୁ ବିଦ୍ୟାଳୟ ଓ ଗଣଶିକ୍ଷାବିଭାଗର ମନ୍ତ୍ରୀ ଏଥିପ୍ରତି ଦୃଷ୍ଟି ଦେବାକୁ ସର୍ବସାଧାରଣରେ ଦାବି ହେଉଛି ।

ଦୁଇ ଦିନିଆ କୃଷକ ତାଲିମ ଶିବିର ଅନୁଷ୍ଠିତ

ଜି.ଉଦୟଗିରି, ୨୨/୦୩ (ଆ.ପ୍ର) : ସ୍ଥାନୀୟ କୃଷି ବିଜ୍ଞାନ କେନ୍ଦ୍ର, କନ୍ଧମାଳ ସରା ଗୃହ ଠାରେ ବରିଷ୍ଠ ଷେତ୍ର ବୈଜ୍ଞାନିକ ଡ. ସଂଯୁକ୍ତା ମହାପାତ୍ର ଙ୍କ ତତ୍ୱାବଧାନରେ ଆଂଚଳିକ ଗବେଷଣା ଓ ପ୍ରଯୁକ୍ତିବିଦ୍ୟା ସଂପ୍ରସାରଣ କେନ୍ଦ୍ର, ଓୟୁଏଟି, ଚିପିଲିମା, ସମ୍ବଲପୁର ଅଧୀନରେ ଥିବା ସର୍ବଭାରତୀୟ ସମନ୍ୱିତ ଅନୁସନ୍ଧାନ ପ୍ରକଳ୍ପ ଦ୍ୱାରା ପାରଲାଟ ପ୍ରକଳ୍ପର ଫସଲ ବିବିଧ କରଣ ଯୋଜନା ନିମନ୍ତେ ଏକ ଦୁଇ ଦିନିଆ କୃଷକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ତାଲିମ୍ ଅବସର ରେ କୃଷି ବିଜ୍ଞାନ କେନ୍ଦ୍ର ର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ଼. ନାରାୟଣ ବାର ସ୍ୱାଗତ ସମ୍ବୋଧନ ଦେଇ ଆରମ୍ଭ କରିଥିଲେ । ଏହି ତାଲିମ୍ ଶିବିରରେ ସ୍ୱୟଂ ସହାୟକ ଗୋଷ୍ଠୀର ୩୦ ଜଣ ମହିଳା ଚାଷୀ ଯୋଗ ଦେଇ ତାଙ୍କର ବିଭିନ୍ନ ଚାଷ ଜନିତ ସମସ୍ୟା ଜଣାଇଥିଲେ । ଆଂଚଳିକ ଗବେଷଣା ଓ ପ୍ରଯୁକ୍ତିବିଦ୍ୟା ସଂପ୍ରସାରଣ କେନ୍ଦ୍ରର କୀଟ ବିଜ୍ଞାନୀ ଡ଼. ଅତନୁ ସେନୀ, ପାଣିଗ୍ରହ ବିଜ୍ଞାନୀ ବୁଲି ସାହୁ, କୃଷି ବିଜ୍ଞାନ କେନ୍ଦ୍ରର କୀଟ ବିଜ୍ଞାନୀ ପ୍ରଶାନ୍ତ କୁମାର ନନ୍ଦ, ଉଦ୍ଭିଦ ବିଜ୍ଞାନୀ ସନତ କୁମାର ମେହେର, ମୃତିକା ବିଜ୍ଞାନୀ ଡ଼. ସୁଚିତ୍ର କୁମାର ମୁଖୀ ପ୍ରମୁଖ ଏହି ଯୋଜନା ସଂପର୍କ ରେ ଅଧିକ ଆଲୋକପାତ କରିଥିଲେ । ଏହି ତାଲିମ୍‌କୁ ଯୁକ୍ତ ପ୍ରଫେସନାଲ, କରିସ୍ମା ପ୍ରିୟଦର୍ଶିନୀ ଆୟୋଜନ କରିବା ସହିତ ଶେଷ

ସୋମବାର, ୨୩ ମାର୍ଚ୍ଚ, ୨୦୨୬ : ବାଲେଶ୍ୱର : ପୃଷ୍ଠା -୮

ଫେରାରି ୧୨ସିଲିଣ୍ଡ୍ରରେ ଅଭ୍ୟାସକୁ ଆସିଲେ ପାଣ୍ଡ୍ୟ

ମୁମ୍ବାଇ, ୨୨/୩(ନ୍ୟୁ.ଏ): ଇଣ୍ଡିଆନ୍ ଅଧିନାୟକ ହାର୍ଦ୍ଦିକ ପାଣ୍ଡ୍ୟ ପୁଣି ଥରେ ଫ୍ରାଣ୍ଚାଇଜି କରିଛନ୍ତି ଯେ ପଡ଼ିଆ ବାହାରେ ମଧ୍ୟ ସେ ଚର୍ଚ୍ଚାରେ । ଆଇପିଏଲ୍ ଆରମ୍ଭ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସ ଅଭ୍ୟାସ ଶିବିରରୁ ଷ୍ଟାଇଲିସ୍ ଭାବରେ ସେ ଆଗମନ କଲୁଥିବାର ଦୃଶ୍ୟ କ୍ୟାମେରାରେ ଉଠିବ ହୋଇଥିଲା । ସ୍ପିଡର ପିଛି ନିଜ କାଲୁଆଲ ଷ୍ଟାଇଲ୍‌ରେ ନୂଆ ଫେରାରି ୧୨ସିଲିଣ୍ଡ୍ରି କାର ଚଲାଇ ଷ୍ଟାଡିୟମ୍‌କୁ ଆସୁଥିବାର ଏହି ଭିଡିଓ ସାମାଜିକ ଗଣମାଧ୍ୟମରେ ପୋଷ୍ଟ ହେଉ ହେଉ ଭାଇରାଲ୍ ହୋଇଯାଇଥିଲା । ତାଙ୍କର ଏହି ଷ୍ଟାଇଲ୍ ଆଗମନ ପ୍ରଶଂସକଙ୍କୁ ଦୃଷ୍ଟି ଆକର୍ଷିତ କରିଥିଲା । ଏହି ତାରକା କ୍ରିକେଟର ନିଜଠରେ ତାଙ୍କ ପ୍ରେମିକା ମାହିକା ଶର୍ମାଙ୍କ ସହ ଏହି ସୁପରକାରରେ ବାହାରକୁ ନେଇଯାଉଥିବାର ଭିଡିଓ ଦେଖିବାକୁ ମିଳିଥିଲା । ଇଟାଲୀୟ କମ୍ପାନି ଫେରାରିର ଲକ୍ଜଶ୍ରେଣୀ ମଡେଲ ହେଉଛି ୧୨ ସିଲିଣ୍ଡ୍ରି କାର । ଏଥିରେ ଛି ୧୨ ଇଞ୍ଜିନ୍ ରହିଥିଲା ବେଳେ ସଂଗୃତି ୩୪୦ କିମି ବେଗରେ ଯାଇଥାଏ । ଏହି ସ୍ପୋର୍ଟ୍ସ କାରର ମୂଲ୍ୟ ଭାରତରେ ୧୨ କୋଟି ଟଙ୍କାରୁ ଅଧିକ ରହିଛି । ପାଣ୍ଡ୍ୟାଙ୍କ ପାଖରେ ଏହି କାର ବାଦ୍ ଅନେକ ବାମି ଗାଡ଼ି ରହିଛି । ନିକଟରେ ଭାରତର ଟ୍ୱେଣ୍ଟି-୨୦ ବିଶ୍ୱକପ୍ ବିଜୟରେ ପାଣ୍ଡ୍ୟାଙ୍କ ଅବଦାନ ମଧ୍ୟ ରହିଥିଲା । ଏହି ବିଶ୍ୱକପ୍‌ରେ ସେ ୨୧୫ ରନ୍ କରିବା ସହ ୯ ୱିକେଟ୍ ଅଧିକାର କରିଥିଲେ । ଏବେ ତାଙ୍କର ଲକ୍ଷ୍ୟ ହେଉଛି ମୁମ୍ବାଇ ଇଣ୍ଡିଆନ୍‌କୁ ପୁଣି ଥରେ ବିଜେତା ମୁକୁଟ ପିନ୍ଧାଇବା ।

ଟ୍ରମ୍ପଙ୍କୁ ସମର୍ଥନ କରୁନାହିଁ ଆମେରିକା କଂଗ୍ରେସ, ଯୁଦ୍ଧ ପାଇଁ ଅତିରିକ୍ତ ବଜେଟକୁ ସାଂସଦଙ୍କ ପ୍ରତ୍ୟାଖ୍ୟାନ

ନୂଆଦିଲ୍ଲୀ, ୨୨/୩(ନ୍ୟୁ.ଏ): ମଧ୍ୟପ୍ରାଚ୍ୟ ଯୁଦ୍ଧରେ ପଶିଛି ଆମେରିକା । ଆଉ ଏବେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏହି ଯୁଦ୍ଧରେ ପ୍ରବେଶ କରିବାର ନିଷ୍ପତ୍ତି ଉପରେ ପ୍ରଶ୍ନ ଉଠାଯାଇଛି । ଟ୍ରମ୍ପ ପ୍ରଶାସନ ଗୃହ ସୁରକ୍ଷା ବିଭାଗ (DHS) ପାଇଁ ଆମେରିକାର କଂଗ୍ରେସରୁ ପାଣ୍ଠି ଅନୁରୋଧ କରିଥିଲେ, କିନ୍ତୁ ଏହି ବିଲ୍ ସିନେଟରେ ପ୍ରତ୍ୟାଖ୍ୟାନ କରାଯାଇଥିଲା । ଟ୍ରମ୍ପ ଏଥିରେ ଗଭୀର ଭାବରେ ବିରକ୍ତ, ଏବଂ ସେ ଆମେରିକା ଡେମୋକ୍ରାଟିକ୍ ପାର୍ଟିକୁ 'ଇରେ ବାମପନ୍ଥୀ ' ବୋଲି କହିଛନ୍ତି । CBS ନ୍ୟୁଜ୍ ରିପୋର୍ଟ ଅନୁଯାୟୀ, ଶୁକ୍ରବାର (ମାର୍ଚ୍ଚ ୧୯) ଆମେରିକା ସିନେଟ୍ ପୁଣି ଥରେ ଗୃହ ସୁରକ୍ଷା ବିଭାଗ (ଡବ୍ଲୟୁ) କୁ ପାଣ୍ଠି ଯୋଗାଇବା ପାଇଁ ଏକ ବିଲ୍ ଆଡକୁ ବଢ଼ାଇବାରେ ବିଫଳ ହୋଇଛି, ଯାହା ବନ୍ଦ କାରି ରହିଛି ଏବଂ ସାରା ଦେଶରେ ବିମାନ ଯାତ୍ରାକୁ ପ୍ରଭାବିତ କରିଛି । ସିନେଟରେ ବିଲ୍ ଆଗକୁ ବଢ଼ିବା ପାଇଁ ୬୦ ଭୋଟ ଆବଶ୍ୟକ ଥିଲା, କିନ୍ତୁ ୪୭-୩୭ ଭୋଟ ସହିତ, ଏହା ଆବଶ୍ୟକ ସୀମା ଠାରୁ କମ୍ ହୋଇଗଲା । ୧୬ ଜଣ ସିନେଟର ବିରତ ରହିଲେ । ଏହି ସମୟରେ, ଡେମୋକ୍ରାଟିକ୍ ସିନେଟର ଜନ୍ ଫେଟରମାନ୍ ରିପବ୍ଲିକାନ୍ ପାର୍ଟି ସହିତ ମଧ୍ୟରେ ଫେଟ୍‌ଗାଳ ଆମେରିକା କଂଗ୍ରେସରୁ ୨୫ହ ବିଲିୟନ ଡଲାର ମାଗିବାକୁ ଯାଉଛି । ଏହି ପରିପ୍ରେକ୍ଷୀରେ, ଆମେରିକା ପ୍ରତିରକ୍ଷା ସଚିବ ପିଟ୍ ହେଗସେଥ୍ ଗୁରୁବାର (ମାର୍ଚ୍ଚ ୧୯) ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ, ଫେଟ୍‌ଗାଳନ୍ ଇରାନ ସହିତ ଚାଲିଥିବା ଯୁଦ୍ଧର ଖର୍ଚ୍ଚକୁ ପୂରଣ କରିବା ପାଇଁ କଂଗ୍ରେସରୁ ଅଧିକ ପାଣ୍ଠି ଅନୁରୋଧ କରିବ । ସେ କହିଛନ୍ତି ଯେ ସେମାନେ ନିଶ୍ଚିତ କରିବାକୁ ଚାହାନ୍ତି ଯେ ସମସ୍ତ ବର୍ତ୍ତମାନ ଏବଂ ଭବିଷ୍ୟତ ଖର୍ଚ୍ଚ ଆବଶ୍ୟକତା ଅନୁଯାୟୀ କରାଯାଇବ । ୱାଶିଂଟନ ପୋଷ୍ଟର ଏକ ରିପୋର୍ଟ ଅନୁଯାୟୀ, ଜଣେ ବରିଷ୍ଠ ପ୍ରଶାସନିକ ଅଧିକାରୀ ନିଶ୍ଚିତ କରିଛନ୍ତି ଯେ ଫେଟ୍‌ଗାଳନ ବୁଧବାର (୧୮ ମାର୍ଚ୍ଚ, ୨୦୨୬) ହ୍ୱାଇଟ୍ ହାଉସକୁ ୨୦୦ ବିଲିୟନ ଡଲାର ଅନୁରୋଧ କରି ଏକ ପ୍ରସ୍ତାବ ପଠାଇଛି । ତଥାପି, ଅନେକ ସାଂସଦ କହିଛନ୍ତି ଯେ ଗୁରୁବାର ସକାଳ (୧୯ ମାର୍ଚ୍ଚ, ୨୦୨୬) ସୁଦ୍ଧା ହ୍ୱାଇଟ୍ ହାଉସ ସଂସଦ ସଦସ୍ୟମାନଙ୍କୁ ଏହି ପ୍ରସ୍ତାବ ଉପସ୍ଥାପନ କରିନାହିଁ, ଯେତେବେଳେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଇରାନ ଉପରେ ଆକ୍ରମଣ ନିଷ୍ପତ୍ତିକୁ ନେଇ ସାଂସଦ ମାନଙ୍କ ମଧ୍ୟରେ ଗଭୀର ମତଭେଦ ରହିଛି ।

ଫିଫା ବିଶ୍ୱକପ; ଡିଫେଣ୍ଡିଂ ଚାମ୍ପିଅନ୍ ଆର୍ଜେଂଟିନାର ନେତୃତ୍ୱ ନେବେ ମେସି

ନୂଆଦିଲ୍ଲୀ, ୨୨/୩(ନ୍ୟୁ.ଏ): ଆଗାମୀ ଫିଫା ବିଶ୍ୱକପ୍ ପୂର୍ବ ପ୍ରସ୍ତୁତି ପାଇଁ ଡିଫେଣ୍ଡିଂ ଚାମ୍ପିଅନ୍ ଆର୍ଜେଂଟିନା ଯଥାକ୍ରମେ ଜାମିଆ ଓ ମରିସିଆନା ବିପକ୍ଷରେ ୨ଟି ବନ୍ଧୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ମ୍ୟାଚ ଖେଳିବ । ଭଲୟ ମ୍ୟାଚରେ ପ୍ରସିଦ୍ଧ ଖେଳାଳି ଲିୟେନେଲ ମେସି ଦଳର ନେତୃତ୍ୱ ନେବେ । ଆର୍ଜେଂଟିନା ଦଳ ୨୭ ତାରିଖରେ ମରିସିଆନା ଓ ୩୧ ତାରିଖରେ ଜାମିଆକୁ ଭେଟିବ । ଭଲୟ ମ୍ୟାଚ୍ ଆର୍ଜେଂଟିନାର ଘରୋଇ ଗ୍ରାଉଣ୍ଡରେ ଖେଳାଯିବ । ସୂଚନାଯୋଗ୍ୟ, ଚଳିତ ମାସରେ ଆର୍ଜେଂଟିନା ଓ ସ୍ପେନ ମଧ୍ୟରେ ଫିନାଲେସିମା ମୁକାବିଲା ଖେଳାଯିବାର ଥିଲା । ଆର୍ଜେଂଟିନା କୋପା ଆମେରିକା କପ୍ ଓ ସ୍ପେନ ୟୁରୋ କପ ଚାମ୍ପିଅନ ହୋଇଥିଲେ । କତାର ରାଜଧାନୀ ଦୋହାରେ ଏହି ମ୍ୟାଚ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା । ମାତ୍ର ମଧ୍ୟ ପ୍ରାଚ୍ୟରେ ଲାଗି ରହିଥିବା ଯୁଦ୍ଧକୁ ନେଇ କତାର ଏହି ମ୍ୟାଚ ଆୟୋଜନ କରିବାକୁ ଅସମର୍ଥ ଥିବା ସ୍ପଷ୍ଟ କରିଥିଲା । ପରେ ଗ୍ଲୁଇଏଫ୍ଏ ଓ କନ୍‌ମେବଲ ମିଳିତ ଭାବେ ନୂଆ ସ୍ଥାନ ଚୟନ କରିଥିଲେ । ମାତ୍ର ଆର୍ଜେଂଟିନା ଦଳ ଏଥିରେ ରାଜି ହୋଇ ନଥିଲା । ପରେ ଗ୍ଲୁଇଏଫ୍ଏ ଓ କନମେବଲ ଭକ୍ତ ମ୍ୟାଚ ପାଇଁ ନୂଆ ତାରିଖ ପ୍ରସ୍ତୁତ କରିଥିଲେ ଓ ସ୍ପେନ୍ ବନ୍ଧୁତ୍ୱପୂର୍ଣ୍ଣ କାର୍ଯ୍ୟସୂଚୀ ଦର୍ଶାଇ ଓହରି ଯାଇଥିଲା । ଶେଷରେ ଏହି ମ୍ୟାଚକୁ ବାତିଲ କରିବାକୁ ନିଷ୍ପତ୍ତି ନିଆଯାଇଥିଲା । ଫିନାଲେସିମା ବାତିଲ ହେବାରୁ ଏହି ସମୟରେ ଆର୍ଜେଂଟିନା ଘରୋଇ ଗ୍ରାଉଣ୍ଡରେ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିବାକୁ ନିଷ୍ପତ୍ତି ନେଇଛି ।

ବିନା ଦର୍ଶକରେ ଖେଳହେବ ପାକିସ୍ତାନର ପିଏସ୍‌ଏଲ

ନୂଆଦିଲ୍ଲୀ, ୨୨/୩(ନ୍ୟୁ.ଏ): ଆଇପିଏଲକୁ ଅନୁସରଣ କରି ପାକିସ୍ତାନରେ ଖେଳାଯାଇଥିବା ଲିଗ୍ ପିଏସ୍‌ଏଲ ଲିଗକୁ ଷ୍ଟାଡିୟମରେ ଦେଖି ପାରିବେ ନାହିଁ ଦର୍ଶକ । ପାକିସ୍ତାନ କ୍ରିକେଟ ବୋର୍ଡ ପକ୍ଷରୁ ଏକଦି ଘୋଷଣା କରାଯାଇଛି । ବିନା ଦର୍ଶକରେ ମ୍ୟାଚ ଖେଳାଯିବା ନେଇ ନିଆଯାଇଛି ନିଷ୍ପତ୍ତି । ଆଫଗାନିସ୍ତାନ ସହ ପାକିସ୍ତାନର ଯୁଦ୍ଧ ଚାଲିଛି । ତାଲିବାନ ଘନ ଘନ ଆକ୍ରମଣ କରୁଥିବାବେଳେ ସୁରକ୍ଷା ବୃଦ୍ଧିରୁ ଏକଦି ନିଷ୍ପତ୍ତି ନିଆଯାଇଛି । ମାର୍ଚ୍ଚ ୨୬ ତାରିଖରୁ ଆରମ୍ଭ ହେବ ପିଏସ୍‌ଏଲ । ତେବେ ଚଳିତ ସିଜିନରେ କେବଳ ବୁଇଟି ସହରରେ ଖେଳାଯିବ ବୋଲି ନିଷ୍ପତ୍ତି ନିଆଯାଇଛି । ପୂର୍ବରୁ ୬ ସହରରେ ଆୟୋଜନ କରିବେ ଯୋଜନା କରାଯାଇଥିଲା । ମାତ୍ର ଏବେ କେବଳ କରାଚି ଏବଂ ଲାହୋରରେ ଖେଳାଯିବ ବୋଲି ପିସିବି ମୁଖ୍ୟ ମୋହସିନ୍ ନକବି ସୂଚନା ଦେଇଛନ୍ତି । ପରିସ୍ଥିତି ସ୍ୱାଭାବିକ ନହେବା ପର୍ଯ୍ୟନ୍ତ ଷ୍ଟାଡିୟମରେ ଦର୍ଶକଙ୍କ ଉପରେ ବାରଣ ରହିବ । ଏହାସହ ଜେଣିଏସି ଉପଯୋଜନା ଲାଗବ ଅନୁଷ୍ଠିତ ହେବନାହିଁ ବୋଲି ମଧ୍ୟ ପ୍ରେସମିଟରେ ସୂଚନା ଦିଆଯାଇଛି । ନକବି କହିଛନ୍ତି କି, ପିଏସ୍‌ଏଲ ହେଉଛି ଆମର ଆନ୍ତର୍ଜାତୀୟ ବ୍ରାଣ୍ଡ । ଏହି ଲିଗରେ ଅନେକ ବିଦେଶୀ ଖେଳାଳି ଭାଗ ନେଇଛନ୍ତି । ଯେଉଁ କାରଣରୁ ଆମେ ବୁର୍ଜାଲେଂଟକୁ ବାତିଲ କରିଯାଉଛୁ ନାହିଁ । ଏକାକୀଙ୍କ ୨୫ ହଜାରରୁ ୩୦ ହଜାର ଦର୍ଶକ ଏକାସାଙ୍ଗେ ବସି ମ୍ୟାଚ୍ ଦେଖିବା ଅସମ୍ଭବ । ଏଣୁ ବିନା ଦର୍ଶକରେ ମ୍ୟାଚ୍ ଅନୁଷ୍ଠିତ ହେବ । ତେବେ ଫ୍ରାଂଚାଇଜ୍ ମାନଙ୍କୁ ସେମାନଙ୍କ ଗେଟ୍ ମନିର କ୍ଷତି ପାଇଁ ପିସିବି ପକ୍ଷରୁ କ୍ଷତି ପୂରଣ ଦିଆଯିବ ବୋଲି ମଧ୍ୟ କୁହାଯାଇଛି । ଏହାସହ ମ୍ୟାଚ ଦେଖିବା ପାଇଁ ଯେଉଁ ଦର୍ଶକମାନେ ଆଗୁଆ ଟିକେଟ୍ କ୍ରୟ କରିଥିଲେ ୭୨ ଘଂଟା ମଧ୍ୟରେ ତାଙ୍କୁ ଟଙ୍କା ଫେରସ୍ତ କରାଯିବ ।

ଯୁଦ୍ଧ ଚାଲିଲେ ତେଲ ୨୦୦ ଡଲାର ହେବ: ରାଜନ

ନୂଆଦିଲ୍ଲୀ, ୨୨/୩(ନ୍ୟୁ.ଏ): ମଧ୍ୟପ୍ରାଚ୍ୟ ଯୁଦ୍ଧକୁ ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କର ପୂର୍ବତନ ଗଭର୍ଣ୍ଣର ରଘୁରାମ ରାଜନ ଚିନ୍ତା ପ୍ରକଟ କରିଛନ୍ତି । ତାହା ବିଶ୍ୱ ଅର୍ଥନୀତିକୁ ଗୁରୁତର ପ୍ରଭାବିତ କରିବ ଏବଂ ତେଲ ଓ ଗ୍ୟାସ୍ ପାଇଁ ଅନ୍ୟ ଉପରେ ନିର୍ଭରଶୀଳ ଥିବା ଭାରତ ଭଳି ଦେଶଗୁଡ଼ିକର ଦୂର୍ଦ୍ଦଶାକୁ ପଗାରେ ପକାଇଦେବ ବୋଲି 'ଲଣ୍ଡିଆ ଟୁଡେ' ସହ ଆଲୋଚନା ବେଳେ ସେ କହିଛନ୍ତି । ଯୁଦ୍ଧ ବନ୍ଦ ନ ହେଲେ ଅଶୋଧିତ ତେଲର ଏୟାରେଲ ପିଛା ଦର ୧୫୦, ୨୦୦ ଡଲାର ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ବୋଲି ସେ କହିଛନ୍ତି । ବର୍ତ୍ତମାନ ତେଲ ଦର ୧୦୦ ଡଲାର ପ୍ରଶାପାଖି ରହିଛି । ରାଜନ କହିଛନ୍ତି ଯେ ବର୍ତ୍ତମାନର ସବୁଠୁ ବଡ଼ ପ୍ରଶ୍ନ ହେଉଛି ଏହି ଯୁଦ୍ଧ କେତେ ଲମ୍ବା ଚାଲିବ । ବର୍ତ୍ତମାନ ଏହା ତୃତୀୟ ସପ୍ତାହରେ ପହଂଚିଛି । ତାହାର ପ୍ରଭାବରେ ସାରା ବିଶ୍ୱରେ ତୈଳ ଉତ୍ପାଦନ ୨୦ ପ୍ରତିଶତ ହ୍ରାସ ପାଇଛି । ତେଲ ଆମଦାନି କରୁଥିବା ଦେଶଗୁଡ଼ିକ ସେହି ଧକ୍କାକୁ ନିଜ ଗଚ୍ଛିତ ରକ୍ଷାର କରିଆରେ ପୂରଣ କରୁଛନ୍ତି । ଯଦି ବିଶ୍ୱର ୧୫-୨୦ ପ୍ରତିଶତ ଶକ୍ତି ଉତ୍ସ ବନ୍ଦ ହୋଇଯିବ ତେବେ ବଡ଼ ଅସୁବିଧା ହୋଇଯିବ ଓ ତେଲ ଦର ୨୦୦ ଡଲାର ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ ବୋଲି ସେ କହିଛନ୍ତି । ଦର୍ମୂଲ୍ୟ ପ୍ରଣାଳୀରେ ପରିବର୍ତ୍ତନ ବଧାପ୍ରାପ୍ତ ହେବା ଦ୍ୱାରା ଭାରତ, ଜାପାନ, ଚୀନ ଓ ଦକ୍ଷିଣ କୋରିଆ ଭଳି ଏସିଆର ପ୍ରମୁଖ ଅର୍ଥନୀତିଗୁଡ଼ିକ ପ୍ରଭାବିତ ହୋଇଛନ୍ତି । ତେବେ ତାହାର ପ୍ରଭାବ କେବଳ ଏସିଆ ମଧ୍ୟରେ ସୀମିତ ରହିବ ନାହିଁ । ଏହି ସଙ୍କଟର ପ୍ରଭାବ ସାରା ବିଶ୍ୱରେ, ବିଶେଷ କରି ଆମେରିକାରେ ଅନୁଭୂତ ହେବ ବୋଲି ରାଜନ ଚେତାବନୀ ଦେଇଛନ୍ତି । ଏଥି ସହିତ ସେ କହିଛନ୍ତି ଯେ ତେଲ ମହଙ୍ଗା ହେଲେ ସବୁ କିଛି ମହଙ୍ଗା ହେବ । ମହଙ୍ଗା ସ୍ଥିତିର ମୁକାବିଲା କରିବାକୁ କେନ୍ଦ୍ରୀୟ ବ୍ୟାଙ୍କଗୁଡ଼ିକ ସୁଧ ହାର ବଢ଼ାଇବେ । କିନ୍ତୁ ବର୍ତ୍ତମାନ ସୁଧ ବଢ଼ାଇବା ଭଳି କଠୋର ନିଷ୍ପତ୍ତି ନେବା ସ୍ଥିତି କେ ?ଶସି ଦେଶରେ ନାହିଁ ।ଭାରତ ସମ୍ପର୍କରେ ସେ କହିଛନ୍ତି ଯେ ଗ୍ରାହକଙ୍କ ସ୍ୱାର୍ଥକୁ ସରକାର ଅଧିକ ଦିନ ସୁରକ୍ଷା ଦେଇପାରିବେ ନାହିଁ । ଯଦି ତେଲ ଓ ଗ୍ୟାସ୍ ଉପରେ ସବସିଡି କାରି ରଖିବ ତାହା ସରକାରଙ୍କ ଆର୍ଥିକ ଗତିକୁ ବିଗଡ଼ିବ । ବିତୀୟ ବିଶ୍ୱଯୁଦ୍ଧ ବଢ଼ାଇବ । ସମସ୍ତ ଅର୍ଥନୀତି ଚାପ ମଧ୍ୟରୁ ଚାଲିଯାଉଥିବା ଆଶଙ୍କା ଥିବା ରାଜନ କହିଛନ୍ତି । ତେଣୁ ଗରବୃଦ୍ଧିକୁ ଖାଉଟି, ଚାଷୀ ଓ ଉତ୍ପାଦନକାରୀ ମାନେ ସମସ୍ତେ ସମ୍ମ ଭରିବା ଲାଗି ପ୍ରସ୍ତୁତ ରହିବାକୁ ସେ ପରାମର୍ଶ ଦେଇଛନ୍ତି ।

ମଧ୍ୟପ୍ରାଚ୍ୟ ଯୁଦ୍ଧ ବିପଜ୍ଜନକ ପର୍ଯ୍ୟାୟରେ ପହଂଚିଛି: ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ

ଡେହେରାନ, ୨୨/୩(ନ୍ୟୁ.ଏ): ପଶ୍ଚିମ ଏସିଆରେ ଯୁଦ୍ଧ ଭିତରେ ଇରାନ ଓ ଇସ୍ରାଏଲର ପରମାଣୁ କେନ୍ଦ୍ର ଉପରେ ଆକ୍ରମଣକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ କଡ଼ା ଚେତାବନୀ ଜାରି କରିଛି । ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନ ଏହାକୁ ଯୁଦ୍ଧର ସବୁଠୁ ବିପଜ୍ଜନକ ପର୍ଯ୍ୟାୟ ବୋଲି କହିଛି । ଇରାନର ନାଟାଞ୍ଜ ପରମାଣୁ କେନ୍ଦ୍ର ଉପରେ ଆମେରିକା ଓ ଇସ୍ରାଏଲ ଏୟାର ଷ୍ଟ୍ରାଇକ କରିଥିଲେ । ଏହାର ଜବାବରେ ଇରାନ ରବିବାର ଇସ୍ରାଏଲର ଡିମୋନା ଉପରେ ଆକ୍ରମଣ କରିଥିଲା । ଇସ୍ରାଏଲର ପରମାଣୁ କେନ୍ଦ୍ରକୁ ଟାର୍ଗେଟ କରି ଇରାନ ଏହି ଆକ୍ରମଣ କରିଥିଲା । ପରସ୍ପରର ପରମାଣୁ ସମ୍ବେଦନଶୀଳ ଅଂଚଳ ଉପରେ ଆକ୍ରମଣକୁ ନେଇ ବିଶ୍ୱ ସ୍ୱାସ୍ଥ୍ୟ ସଙ୍ଗଠନର ମୁଖ୍ୟ ଟେଡ୍ରୋସ୍ ଘେବ୍ରେୟସସ୍ ଚିନ୍ତା ପ୍ରକଟ କରିଛନ୍ତି । ସେ କହିଛନ୍ତି, ଅନ୍ତର୍ଜାତୀୟ ପରମାଣୁ ଶକ୍ତି ସଂସ୍ଥା (ଆଇଏଏଇଏ) ଏହି ଘଟଣାର ସମୀକ୍ଷା କରୁଛି, ତେବେ ରେଡିଓ ଆକ୍ଟିଭ ଲିକ୍ ହୋଇନାହିଁ ବୋଲି ସେ କହିଛନ୍ତି । କିନ୍ତୁ ପରସ୍ପରର ପରମାଣୁ କେନ୍ଦ୍ର ଉପରେ ଆକ୍ରମଣ ଜନସ୍ୱାସ୍ଥ୍ୟ ଓ ପରିବେଶ ସୁରକ୍ଷା ପ୍ରତି ବିପଦ ସୃଷ୍ଟି କରୁଛି ବୋଲି ଘେବ୍ରେୟସସ୍ କହିଛନ୍ତି । ଫେବୁଆରି ୨୮ରେ ଆମେରିକା, ଇସ୍ରାଏଲ ଓ ଇରାନ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଥିବାବେଳେ ଯୁଦ୍ଧ ବର୍ତ୍ତମାନ ଚତୁର୍ଥ ସପ୍ତାହରେ ପ୍ରବେଶ କରିଛି । ଏଥିରେ ଇରାନରେ ୧୩୦୦ ଲୋକଙ୍କ ମୃତ୍ୟୁ ହୋଇଛି । ଲେବାନନ୍‌ରେ ୫୭୦ ଲୋକଙ୍କ ମୃତ୍ୟୁ ହୋଇଛି । ଶିଶୁମାନେ ବିଶେଷ ଭାବେ ପ୍ରଭାବିତ ହୋଇଛନ୍ତି, ପ୍ରାୟ ୧୮୦୦ ଶିଶୁ ମୃତାହତ ହୋଇଥିବା କୁହାଯାଇଛି । ଇସ୍ରାଏଲରେ ମଧ୍ୟ ଅନେକ ଲୋକଙ୍କ ମୃତ୍ୟୁ ହୋଇଥିବାବେଳେ ୨୦୦୦ରୁ ଅଧିକ ଲୋକ ଆହତ ହୋଇଛନ୍ତି ।

ବିଦେଶୀ ନିବେଶକ ପ୍ରତ୍ୟାହାର କଲେ ୮୧,୮୧୦ କୋଟି

ମୁମ୍ବାଇ, ୨୨/୩(ନ୍ୟୁ.ଏ): ମଧ୍ୟପ୍ରାଚ୍ୟ ଯୁଦ୍ଧ ପ୍ରଭାବରେ ବିଦେଶୀ ନିବେଶକମାନେ ଚଳିତ ମାସରେ ଏପର୍ଯ୍ୟନ୍ତ ଭାରତୀୟ ଇକ୍ୱିଟି ବଜାରରୁ ୮୮,୧୮୦ କୋଟି ଟଙ୍କା ପ୍ରତ୍ୟାହାର କରିଛନ୍ତି । ଏନଏସଡିଏଲ୍ ତଥ୍ୟ ଅନୁଯାୟୀ ଫେବୁଆରିରେ ବିଦେଶୀ ପୋର୍ଟଫୋଲିଓ ନିବେଶକମାନେ ୨୨,୬୧୫ କୋଟି ଟଙ୍କା ନିବେଶ କରିଥିଲେ ଯାହା ୧୭ ମାସ ମଧ୍ୟରେ ସର୍ବାଧିକ ମାସିକ ପୁଞ୍ଜି ନିବେଶ ଥିଲା ।ସର୍ବାତମ ପ୍ରତ୍ୟାହାର ସହିତ ୨୦୧୬ରେ ଏପର୍ଯ୍ୟନ୍ତ ସେମାନେ ପ୍ରତ୍ୟାହାର କରିଥିବା ରାଶି ୧ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିଛି । ଚଳିତ ମାର୍ଚ୍ଚ ୧୦ ପର୍ଯ୍ୟନ୍ତ ବିଦେଶୀ ନିବେଶକମାନେ ପ୍ରତ୍ୟେକ କାରବାର ଦିବସରେ ନିଟ୍ ବିକ୍ରେତା ରହିଛନ୍ତି ୮୧,୧୮୦ କୋଟି ଟଙ୍କାର ଇକ୍ୱିଟି ପ୍ରତ୍ୟାହାର କରିଛନ୍ତି । ୨୦୧୪ ଅକ୍ଟୋବରରେ ଗୋଟିଏ ମାସରେ ସେମାନେ ରେକର୍ଡ ମାସିକ ୯୪,୦୧୭ କୋଟି ଟଙ୍କା ପ୍ରତ୍ୟାହାର କରିଥିଲେ । ବିଶ୍ୱବାଣିଜ୍ୟ ଅର୍ଥନୈତିକ ପ୍ରତିକୂଳ ପରିସ୍ଥିତି ଓ ଭୂରାଜନୈତିକ ଅନିଶ୍ଚିତତା ବୃଦ୍ଧି ପାଇଁ ବିଦେଶୀ ନିବେଶକମାନେ ଲାଗାତାର ସେୟାର ବିକ୍ରି କରୁଛନ୍ତି । ଏଙ୍ଗେଲ ୱାନର ବରିଷ୍ଠ ବିଶ୍ଳେଷକ ଭାଲରଜାବେଦ ଖାନ କହିଛନ୍ତି ଯେ ପଶ୍ଚିମ ଏସିଆ ଉତ୍ତେଜନା ବୃଦ୍ଧି ହେଉଛି ମୁଖ୍ୟ କାରଣ । ଦୀର୍ଘକାଳୀନ ସଂଘର୍ଷ ଏବଂ ହର୍ମୁଜ ପ୍ରଣାଳୀରେ ସମ୍ଭାବ୍ୟ ବାଧା ସୃଷ୍ଟି ହେବାର ଆଶଙ୍କା ବ୍ରେଂଟ ଅଶୋଧିତ ତୈଳର ମୂଲ୍ୟ ୧୦୦ ଡଲାର ଉପରେ ପହଂଚାଇ ଦେଇଛି । ଆମେରିକୀୟ ଡଲାର ତୁଳନାରେ ଟଙ୍କା ୯୨ ଟଙ୍କା ପାଖାପାଖି ପହଂଚିବା, ଆମେରିକୀୟ ବଣ୍ଡ ଯିଲଡ ବୃଦ୍ଧି, ଫେବୁଆରି ପ୍ରବାହ ପରେ ଲାଭ ବୁକିଂ ଓ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ମାର୍ଜିନ୍ ଚାପ ଯୋଗୁଁ ଏହି ବିକ୍ରି ଧାରା ଆହୁରି ତୀବ୍ର ହୋଇଛି । ରିଲିଜିତ ଇନଭେଷ୍ଟମେଂଟର ମୁଖ୍ୟ ନିବେଶ ରଣନୀତିଜ୍ଞ ବିକେ ବିଜୟକୁମାର କହିଛନ୍ତି ଯେ ପଶ୍ଚିମ ଏସିଆରେ ବୃଦ୍ଧ ଏଫପିଆଇ ବିକ୍ରୟକୁ ତୀବ୍ର କରିଛି । ଆର୍ଥିକ ସେବାଗୁଡ଼ିକ ବିକ୍ରୟର ପ୍ରଭାବ ବହନ କରିଛନ୍ତି । ମାର୍ଚ୍ଚ ୧୫ ତାରିଖରେ ଶେଷ ହୋଇଥିବା ବୁଲ ସପ୍ତାହ ମଧ୍ୟରେ ବିଦେଶୀ ନିବେଶକମାନେ ୩୧,୮୩୧ କୋଟି ଟଙ୍କାର ସେୟାର ପ୍ରତ୍ୟାହାର କରିଛନ୍ତି ।

ଆମେରିକାରୁ ଆସିଲା ଏଲ୍‌ପିଜି ଜାହାଜ:ଦୂର ହେବ ଗ୍ୟାସ୍ ସଙ୍କଟ

ମାଙ୍ଗାଲୋର, ୨୨/୩(ନ୍ୟୁ.ଏ): ମଧ୍ୟପ୍ରାଚ୍ୟ ଯୁଦ୍ଧ ମଧ୍ୟରେ ଭାରତରେ ଦେଖାଦେଇଥିବା ଗ୍ୟାସ୍ ସଙ୍କଟ ଖୁବ୍‌ଶୀଘ୍ର ଦୂର ହେବାକୁ ଯାଉଛି ।